بِسۡمِ اللّٰہِ الرَّحۡمٰنِ الرَّحِیۡم    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہٖ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 19-20

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12-19 ମଇ 2022    12-19 ହିଜରତ୍ 1401 ହି.ଶ    10-17 ଶୱାଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاَنۡذِرۡ بِہِ الَّذِیۡنَ یَخَافُوۡنَ اَنۡ یُّحۡشَرُوۡۤا
اِلٰی رَبِّہِمۡ لَیۡسَ لَہُمۡ مِّنۡ دُوۡنِہٖ وَلِیٌّ
وَّلَا شَفِیۡعٌ لَّعَلَّہُمۡ یَتَّقُوۡنَ

(سورۃ الانعام:52)

ଅନୁବାଦ- ଏବଂ ତୁମ୍ଭେ ଏହା (ଅର୍ଥାତ ଏହି ବାଣୀ) ଦ୍ୱାରା ସେ ଲୋକମାନଙ୍କୁ ଚେତାବନୀ ଦିଅ ଯେଉଁମାନେ ଏ ବିଷୟକୁ ଭୟ କରନ୍ତି ଯେ ସେମାନଙ୍କୁ ସେମାନଙ୍କର ପାଳନକର୍ତାଙ୍କ ନିକଟକୁ ଏକତ୍ରିତ କରି ନିଆହେବ ଯେତେବେଳେ ତାହାଙ୍କ ବ୍ୟତୀତ ସେମାନଙ୍କର ଅନ୍ୟ କେହି ସାହାଯ୍ୟକାରୀ କି ସୁପାରିଶକାରୀ ନ ଥିବେ ତାହାହେଲେ ସେମାନେ ଧର୍ମଭୀରୁତା ଅବଲମ୍ବନ କରିବେ ।

*(ସୁରଃ ଅଲ ଅନାମ:୫୨)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିʼଉମ୍‌ରିହି ୱ ଅମ୍‌ରିହି ॥**

# : ଖୁତ୍‌ବା ଜୁମା :

**ଏହା ମଧ୍ୟ ଖିଲାଫତ୍‌ର ବରକତ୍ (କଲ୍ୟାଣ) ମଧ୍ୟରୁ ଅନ୍ୟତମ ଯେ ଶରିୟତ୍‌କୁ ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଉଚିତ । ଯୁଗ ଖଲିଫା ଏଥି ସକାଶେ ପୂର୍ଣ୍ଣ ପ୍ରୟାସ କରିଥାନ୍ତି ।**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**‘‘ରସୁଲ ସ:ଆ:ସଙ୍କ ଆଜ୍ଞାପାଳନ କରିବାରେ କେତେ ତତ୍ପର ଥିଲେ ଯେ, ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ବି ଏବଂ ବଡ଼ ବଡ଼ ସାହାବାମାନେ ଯୁଦ୍ଧ ନ କରିବା ପାଇଁ ପରାମର୍ଶ ଦେଇଥିବା ସତ୍ୱେ ବି ରସୁଲେ୍ କରିମ୍ ସ:ଆ:ସଙ୍କ ନିର୍ଦ୍ଦେଶକୁ ପୂରଣ କରିବା ନିମନ୍ତେ ସେ ସବୁ ପ୍ରକାରର ବିପଦକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇଯାଉଛନ୍ତି ।’’**

**ଦୁନିଆର ଚିନ୍ତାଜନକ ପରିସ୍ଥିତିରେ ଦୁଆ (ପ୍ରାର୍ଥନା କରିବାକୁ ନିବେଦନ । ‘‘ବିଶେଷ ଭାବରେ ଏ ଦୁଆ କରନ୍ତୁ ଯେ ଏ ଦୁନିଆ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନି ନେଉ ।’’**

**ଜାମିଆ ଅହେମଦୀୟା କାନାଡ଼ାର ପ୍ରିନ୍ସିପାଲ୍, କାନାଡ଼ାର ମୁବଲ୍ଲିଗ୍ ଇନ୍‌ଚାର୍ଜ ମୋକରମ୍ ମୌଲାନା ମୁବାରକ ନଜିର ସାହେବଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନଜାଃ ଗାଏବ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୮ ମାର୍ଚ୍ଚ ୨୦୨୨ ଅନୁଯାୟୀ ୧୮ ଅମାନ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشۡھَدُ اَنۡ لَّاۤ اِلٰہَ اِلَّا اللّٰہُ وَحۡدَہٗ لَا شَرِیۡکَ لَہٗ وَاَشۡھَدُ اَنَّ مُحَمَّدًا عَبۡدُہٗ وَرَسُوۡلُہٗ
اَمَّا بَعۡدُ فَاَعُوۡذُ بِاللّٰہِ مِنَ الشَّیۡطٰنِ الرَّجِیۡمِ- بِسۡمِ اللّٰہِ الرَّحۡمٰنِ الرَّحِیۡمِ-
اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ- الرَّحۡمٰنِ الرَّحِیۡمِ- مٰلِکِ یَوۡمِ الدِّیۡنِ- اِیَّاکَ نَعۡبُدُ وَاِیَّاکَ نَسۡتَعِیۡنُ-
اِہۡدِنَا الصِّرَاطَ الۡمُسۡتَقِیۡمَ- صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۬ۙ غَیۡرِ الۡمَغۡضُوۡبِ عَلَیۡہِمۡ وَلَا الضَّآلِّیۡنَ-

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ଜୀବନୀ ଚର୍ଚ୍ଚାରେ ଜକାତ୍ ଦେବାକୁ ଅସ୍ୱୀକାର କରିଥିବା ଲୋକମାନଙ୍କ ପ୍ରସଙ୍ଗରେ ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ଅବତାରତ୍ୱର ମିଥ୍ୟା ଦାବି କରିଥିବା ତୁଲୈହା ବିନ୍ ଖୁୱେଲିଦ୍ ହାତରେ ଅସଦ୍, ଗତ୍‌ଫାନ୍ ଓ ତୈ କବିଲା, ଏ ସବୁ ଗୋଷ୍ଠୀମାନେ ଏକତ୍ରିତ ହୋଇଯାଇଥିଲେ କେବଳ କିଛି ଲୋକମାନଙ୍କ ବ୍ୟତୀତ, ଯେଉଁମାନେ ବିଶେଷ ଶ୍ରେଣୀରେ ଥିଲେ, (ସେମାନେ ତୁଲୈହା ବିନ୍ ଖୁୱେଲିଦ୍ ହାତରେ ଏକାଠି ହୋଇନଥିଲେ) । ଅସଦ୍ କବିଲାର ଲୋକମାନେ ସମିରାଆ ନାମକ ସ୍ଥାନରେ ଏକତ୍ରୀତ ହେଲେ । ଏହି ସମିରାଆ ନାମକ ସ୍ଥାନଟି ଆଦ୍ କୌମ୍‌ର ଜଣେ ବ୍ୟକତି୍ ବିଶେଷଙ୍କ ନାମରେ ନାମିତ ଏବଂ ଏହା ମକ୍କାକୁ ଯାଉଥିବା ରାସ୍ତାରେ ଥିବା ଏକ ଜାତିର ବସତି ସ୍ଥାନ । ତାହା ମକ୍କା ଯାତ୍ରା କରିବା ଉକ୍ତ ଅଂଚଳରେ ଆଖପାଖରେ କଳାବର୍ଣ୍ଣର ପର୍ବତମାନ ରହିଥିଲା ଯେଉଁଥିପାଇଁ ତାହାର ଏପରି ନାମକରଣ କରାଯାଇଥିଲା । ଫୁଜାରା ଓ ଗତ୍‌ଫାନ୍ ନିବାସୀ ନିଜ ବନ୍ଧୁ କବିଲାମାନଙ୍କ ସହିତ ତିୟିବାର ଦକ୍ଷିଣପ୍ରାନ୍ତରେ ଏକତ୍ରିତ ହୋଇଥିଲେ ତୈ କବିଲା ନିଜ ଇଲାକାର ସୀମାନ୍ତ ଅଂଚଳରେ ଏକତ୍ରିତ ହେଲେ । ସାଲବା ବିନ୍ ସାଆଦ୍ ମୁର୍‌ରାଃ ଏବଂ ଅବସ୍ କବିଲାର ଲୋକମାନେ ସେମାନଙ୍କ ବନ୍ଧୁ କବିଲା ରବଜାରେ ଥିବା ଅବ୍‌ରକ୍ ନାମକ ସ୍ଥାନରେ ଏକାଠି ହେଲେ । ରବ୍‌ଜା ମଧ୍ୟ ତିନି ଦିନର ଯାତ୍ରା ଦୂରତାରେ ଅବସ୍ଥିତ ମଦିନାର ଏକ ଉପତ୍ୟାକାର ନାମ ଅଟେ । ସେଠାରେ ବନୁ କନାନ୍‌ର କିଛି ଲୋକ ମଧ୍ୟ ଆସି ମିଳିତ ହେଲେ, କିନ୍ତୁ ଉକ୍ତ ଅଂଚଳ ସେମାନଙ୍କୁ ସୁହାଇଲା ନାହିଁ । ସେମାନଙ୍କ ଶରୀର ଉକ୍ତ ଅଂଚଳର ପରିବେଶ ସହିତ ଖାପ ଖାଇଲା ନାହିଁ ତେଣୁ ସେମାନେ ଦୁଇ ଦଳରେ ବିଭକ୍ତ ହୋଇଗଲେ । ଗୋଟିଏ ଦଳ ଅବ୍‌ରକ୍ ସ୍ଥାନରେ ଅଟକିଲା ଓ ଅନ୍ୟ ଦଳଟି ଜୁଲ୍‌କିସା ଚାଲିଗଲା ଜୁଲ୍ କିସ୍‌ସା ବି ମଦିନଠାରୁ ଚାଳିଶି ମାଇଲ୍ ଦୁରତାରେ ଅବସ୍ଥିତ ଗୋଟିଏ ସ୍ଥାନର ନାମ । ତୁଲୈହା ହିବାଲ୍‌କୁ ସେମାନଙ୍କ ସାହାଯ୍ୟ ନିମନ୍ତେ ପ୍ରେରଣ କଲା । ହିବାଲ୍ ଅସଲ୍‌ରେ ତୁଲୈହାର ଭାଇଙ୍କର ପୁତ୍ର ଥିଲେ । ସେ ଯାହା ହେଉ ହବାଲ୍ ଜୁଲ୍‌କିସା ବାସୀଙ୍କର ସର୍‌ଦାର ହୋଇଗଲେ । ଯେଉଁ ସ୍ଥଳେ ଅସଦ୍ ତଥା ଲୈସ୍, ଦୈଲ୍ ଓ ମୁଦଲଜ୍ ଆଦି କବିଲା ତାଙ୍କର ସମର୍ଥନ କରିଥିଲେ । ଅଓଫ୍ ବିନ୍ ଫଲାନ୍ ବିନ୍ ସିନାନ୍ ଅବ୍‌ରକ୍ ନାମକ ସ୍ଥାନରେ ଅବସ୍ଥିତ ମର୍‌ରାଃ କବିଲାର ସର୍‌ଦାର୍ ନିର୍ବାଚିତ ହୋଇଥିଲା । ଇଏ ମଧ୍ୟ ଜଣେ ବ୍ୟକ୍ତି ଯିଏ କି ମର୍‌ରାଃ କବିଲାର ସର୍‌ଦାର୍ ମନୋନୀତ ହୋଇଥିଲେ । ସାଲବା ଏବଂ ଅବସ୍ କବିଲାର ସର୍‌ଦାର୍ ଭାବରେ ହାରିସ୍ ବିନ୍ ଫୁଲାନ୍ ନିୟୋଜିତ ହେଲେ । ଯିଏ ବନୁ ସୁବୈଇ ବଂଶର ଥିଲା । ଉପରୋକ୍ତ କବିଲାଗୁଡ଼ିକ ନିଜ ନିଜ ପ୍ରତିନିଧିମଣ୍ଡଳକୁ ମଦିନା ପଠାଇଲେ । ଯେଉଁ ଲୋକମାନେ ମଦିନା ଆସିଥିଲେ, ସେମାନେ ସମସ୍ତେ ବଡ଼ ବଡ଼ ଲୋକମାନଙ୍କ ଘରେ ରହିଲେ । ହଜରତ ଅବ୍‌ବାସ୍ ର:ଅଙ୍କ ବ୍ୟତିତ ବାକି ସମସ୍ତେ ସେମାନଙ୍କୁ ନିଜ ନିଜ ଘରେ ଅତିଥି କରି ରଖିଲେ ଏବଂ ସେମାନଙ୍କୁ ହଜରତ ଅବୁ ବକର୍ ର:ଅଙ୍କ ନିକଟରେ ଏହି ସର୍ତରେ ହାଜର କରାଇଲେ ଯେ ସେମାନେ ନମାଜ ପାଠ କରିବେ କିନ୍ତୁ ଜକାତ୍ ଦେବେ ନାହିଁ । ସୁତରାଂ ଅଲ୍ଲାଃ ତାଲା ହଜରତ ଅବୁ ବୁକର ର:ଅଙ୍କୁ ସତ୍ୟ ଉପରେ ବିରାଜମାନ କରାଇଲେ । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ତାଙ୍କୁ ଉତର ଦେଲେ ଯଦି ତୁମେମାନେ ଓଟକୁ ବନ୍ଧା ଯାଉଥିବା ସାମାନ୍ୟତମ ସାମଗ୍ରୀ ଅର୍ଥାତ ଦଉଡ଼ିଟିଏ ବି ଦେବାରେ ଟଳମଟଳ କଲ ତେବେ ସୁଦ୍ଧା ମୁଁ ତୁମମାନଙ୍କ ସହିତ ଜିହାଦ୍ କରିବି । *(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୨୫୪-୨୫୫......ବେରୁତ ୨୦୧୨)*

*(ସିରତୁନ୍ ନବଓ୍ୱିୟା ଲି ଇବନେ ହୁଶାମ୍, ପୃ-୪୩୪ ହାଶିୟା.....୨୦୦୧) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୩, ପୃ-୨୯୦, ୬୭ ଖଣ୍ଡ-୧, ପୃ-୮୯.....ବେରୁତ) (ଫରହଙ୍ଗ ସିରତ୍, ପୃ-୨୩୬, ଜଓ୍ୱାର ଏକାଡ଼େମି କରାଚି ୨୦୦୩)*

ଉକ୍ତ ଦଳଟି ଯେତେବେଳେ ହଜରତ ଅବୁ ବକର ର:ଅଙ୍କର ଏପରି ପ୍ରତିକ୍ରିୟା ଦେଖିଲେ ସେତେବେଳେ ସେମାନେ ମଦିନାରୁ ଫେରି ଯାଇଥିଲେ । ସେତେବେଳେ ସେମାନଙ୍କର ଅବସ୍ଥା କଣ ଥିଲା, ଏ ସମ୍ବନ୍ଧରେ

ଜଣେ ଜୀବନୀ ଲେଖାଳୀ ଲେଖିଛନ୍ତି ଯେ ମଦିନାରୁ ଫେରିବା ସମୟରେ ଉକ୍ତ ଦଳର ମାନମସ୍ତିକରେ ଦୁଇଟି କଥା ଚଳଚଂଚଳ ରହିଥିଲା । ପ୍ରଥମତଃ ଜକାତ୍ ଦେବାକୁ ଅସ୍ୱୀକାରୀ କରିବା ପ୍ରସଙ୍ଗରେ ଖଲିଫାଙ୍କର ଯେଉଁ ନିଷ୍ପତି ରହିଛି, ସେ ସେଥିରୁ ଓହରିବେ ନାହିଁ । ବା ଓହରିବାର କୌଣସି ଆଶା ନାହିଁ । ବିଶେଷତଃ ଏଭଳି ପରିସ୍ଥିତିରେ, ଯେତେବେଳେ କି ମୁସଲମାନମାନେ ଯୁକ୍ତି ଯୁକ୍ତ ଉତର ଶୁଣି ହଜରତ ଅବୁ ବକର୍ ର:ଅଙ୍କ ନିଷ୍ପତିରେ ଏକମତ ହୋଇସାରିଛନ୍ତି ଓ ହଜରତ ଅବୁ ବକର ର:ଅଙ୍କୁ ସାହାଯ୍ୟ କରିବେ ବୋଲି ଅଂଟା ଭିଡ଼ି ସାରିଛନ୍ତି । ଦ୍ୱିତୀୟତଃ ସେମାନେ ଚିନ୍ତା କରୁଥିଲେ ଯେ, ମୁସଲମାନମାନଙ୍କର ଅବସ୍ଥା ଦୁର୍ବଳ ଓ ସଂଖ୍ୟାଲଘୁତାକୁ ଦୃଷ୍ଟିରେ ରଖି ମଦିନା ଉପରେ ଏଭଳି ଭୀଷଣ ଓ ଅତର୍କିତ ଭାବରେ ଆକ୍ରମଣ କରିଦେବା ଉଚିତ ଯଦ୍ୱାରା ଇସ୍‌ଲାମ୍‌ର ପ୍ରଶାସନ ଭୁଷୁଡ଼ି ପଡ଼ିବ । *(ସୟଦନା ଅବୁ ବକର ର:ଅ.........ପୃ-୨୭୮....... ପାକିସ୍ତାନ)*

ଏହା ସେମାନଙ୍କର ନିଜର ଚିନ୍ତାଧାରା ଥିଲା ଯେ ଏହିଭଳି ଆମେମାନେ ମଦିନା ଉପରେ କବ୍‌ଜା କରିଦେବୁ । ସୁତରାଂ ସେମାନେ ସେଠାରୁ ଫେରିଯାଇ ଅନ୍ୟ କବିଲାମାନଙ୍କୁ କହିଲେ ଯେ ବର୍ତମାନ ମଦିନାରେ ବହୁତ କମ ଲୋକ ଅଛନ୍ତି ତେଣୁ ମଦିନା ଉପରେ ଆକ୍ରମଣ କରିବାର ଏହା ପ୍ରକୃତ ସମୟ । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ମଧ୍ୟ ଅଜ୍ଞ ନଥିଲେ ଏକଥା ସେ ହୃଦୟଙ୍ଗମ କରୁଥିଲେ ଯେ, ସେମାନଙ୍କର କିଭଳି ଆଚରଣ ରହିଛି ଯେଉଁମାନେ କି ଜକାତ୍ ଦେବାକୁ ଅସ୍ୱୀକାର କରୁଛନ୍ତି । ବସ୍ତୁତଃ ସେ ମଦିନାର ସମସ୍ତ ଛକଗୁଡ଼ିକରେ ଓ ଗଳିକନ୍ଦିରେ ପ୍ରହରୀର ବ୍ୟବସ୍ଥା ଅର୍ଥାତ ସିକ୍ୟୁରିଟି ଗାର୍ଡ଼ ମୃତୟନ କରିଦେଲେ, ଲୋକମାନଙ୍କୁ ନିୟୋଜିତ କଲେ । ସେମାନଙ୍କ ମଧ୍ୟରେ ହଜରତ ଅଲୀ, ହଜରତ ଜୁବୈର୍, ହଜରତ ତଲ୍‌ହା ଓ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ମଧ୍ୟ ମୃତୟନ ରହିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସାଆଦ୍ ବିନ୍ ଅବି ଓ୍ୱକାସ୍ ଓ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ମଧ୍ୟ ସେହି ଦଳରେ ସାମିଲ ଥିଲେ । ଏମାନଙ୍କ ବ୍ୟତୀତ ହଜରତ ଅବୁ ବକର୍ ର:ଅ ସମଗ୍ର ମଦିନା ବାସୀଙ୍କୁ ଆଦେଶ ଦେଲେ ଯେ, ସଭିଏଁ ମସ୍‌ଜିଦ୍‌ରେ ଏକତ୍ରିତ ହୋଇଯାଆନ୍ତୁ । ସେଥିଅନ୍ତେ ଆପଣ ର:ଅ କହିଲେ, ଅର୍ଥାତ ସମସ୍ତ ଜନସମାଗମଙ୍କୁ ସମ୍ବୋଧିତ କଲେ ଯେ, ସମଗ୍ର ଭୁଖଣ୍ଡ ଅମାନ୍ୟକାରୀ ପାଲଟି ଯାଇଛି । ଶତ୍ରୁ ତୁମମାନଙ୍କୁ ସଂଖ୍ୟା ଲଘୁ ମଣି ଦିନ ଅବା ରାତ୍ରି ସମୟରେ ଆକ୍ରମଣ କରିଦେଇପାରନ୍ତି । ସେହି ଲୋକମାନଙ୍କର ସବୁଠାରୁ ନିକଟତମ ଜମାତ୍ ଏଠାରୁ କେବଳ ଏକ ବରିଦ୍ ଦୂରତାରେ ଅବସ୍ଥିତ । ବରିଦ୍ ବାରମାଇଲ୍ ଦୂରତାକୁ ବୁଝାଏ । ସେହିପରି କିଛି ଲୋକ ଏ ଆଶା ବାନ୍ଧି ଥିଲେ ଯେ ଆମେ ଶତ୍ରୁମାନଙ୍କ ସହିତ ସନ୍ଧି କରି ସେମାନଙ୍କ ସର୍ତ ସ୍ୱୀକାର କରିନେବା କିନ୍ତୁ ତାହା ଆମ୍ଭେ କଲୁନାହିଁ । ତେଣୁ ବର୍ତମାନ ତୁମେମାନେ ଶତ୍ରୁମାନଙ୍କ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଯାଅ । ହଜରତ ଅବୁ ବକର ର:ଅଙ୍କ ଅନୁମାନ ବିଲ୍‌କୁଲ୍ ଠିକ୍ ବାହାରିଲା । ସେହି ଲୋକମାନେ ଯେଉଁମାନେ ଜକାତ ଦେବାକୁ ମନା କରି ଆସିଥିଲେ, ସେମାନେ ମଦିନାରୁ ଫେରି ଚାଲିଯିବାର କେବଳ ତିନିରାତି ବିତାଇ ଥିଲେ କି ନାହିଁ, ରାତି ସମୟରେ ମଦିନା ଉପରେ ଆକ୍ରମଣ କରିଦେଲେ ।

ସେମାନେ ନିଜ ସାଥିମାନଙ୍କ ମଧ୍ୟରୁ ଗୋଟିଏ ଦଳକୁ ଜୁ ହିସା ନାମକ ସ୍ଥାନରେ ଛାଡ଼ି ଆସିଥିଲେ । ଯଦ୍ୱାରା ସେମାନେ ଆବଶ୍ୟକ ପଡ଼ିଲେ ପଛପଟୁ ସାହାଯ୍ୟ କରିପାରିବେ । ଜୁ ହିସା ନାମକ ସ୍ଥାନଟି ବନୁ ଫଜାରାଃର ପାଣି ଏକାଠି କରିବାର ସ୍ଥାନ ମାନଙ୍କ ମଧ୍ୟରୁ ଗୋଟିଏ ସ୍ଥାନ । ଏହା ରବଜା ଓ ନଖଲ୍ ଇଲାକାର ମଧ୍ୟବର୍ତୀ ସ୍ଥାନରେ ଅବସ୍ଥିତ । ଶତ୍ରୁର ଆଗମନର ଖବର ପ୍ରହରୀମାନେ ସୁଚିତ କଲେ ଯାହାକୁ ହଜରତ ଅବୁ ବକର୍ ର:ଅ ଭିନ୍ନ ଭିନ୍ନ ସ୍ଥାନରେ ମୃତୟନ କରିଥିଲେ । ସେମାନେ ଆସି ସୂଚନା ଦେଲେ ଯେ ଶତ୍ରୁମାନଙ୍କର ଆଗମନ ହୋଇସାରିଲାଣି । ବସ୍ତୁତଃ ମୁସଲମାନମାନେ ଓଟ ଉପରେ ଆରୋହଣ କରି ସେମାନଙ୍କ ପିଛା କଲେ ଆକ୍ରମଣକାରୀମାନଙ୍କର ଯେଉଁ ଦଳଟି ପଛରେ ସାହାଯ୍ୟ କରିବା ପାଇଁ ଥିଲା, ସେମାନେ ଚମଡା ନିର୍ମିତ ମଶ୍‌କିଜା ଅର୍ଥାତ ଯେଉଁଥିରେ ପାଣି ଭର୍ତିକରି ରଖାଯାଏ, ସେଥିରେ ପବନ ପୁରାଇ, ରସି ବାନ୍ଧି ମୁସଲମାନମାନଙ୍କ ବିପକ୍ଷରେ ବାହାରିଲେ ଓ ସେହି ମଶ୍‌କିଜାଗୁଡ଼ିକୁ ମୁସଲମାନମାନଙ୍କ ଓଟ ସାମନାରେ ପକାଇ ଦେଲେ । ଯେହେତୁ ଓଟମାନେ ଏହା ଦେଖି ହୁରୁଡ଼ି ଯାଇଥାନ୍ତି, ତେଣୁ ଓଟଗୁଡ଼ିକ ହୁରୁଡ଼ି ଗଲେ । ଉଭୟ ପକ୍ଷ ପରସ୍ପରର ସାମନା ସାମନି ହେଲେ ଏଥିରେ ଓଟଗୁଡ଼ିକ ହୁରୁଡ଼ି ଗଲେ ଯଦ୍ୱାରା ସେମାନେ କୌଣସି ମତେ ତାହାକୁ କାବୁ କରିପାରିଲେ ନାହିଁ । ଏହିପରି ସେମାନେ ମଦିନାରେ ପହଂଚିଗଲେ । ଏଥିରେ ମୁସଲମାନମାନଙ୍କର କିଛି କ୍ଷତି ହୋଇନଥିଲା କି ମୁସଲମାନମାନେ କିଛି ଜିତି ବି ନଥିଲେ ।

ମୁସଲମାନମାନଙ୍କର ଏପରି ପଛଘୁଂଚା ଦେବା ଦ୍ୱାରା ଶତୃପକ୍ଷ ଏ କଥା ଭାବିସଲେ ଯେ କାଳେ ମୁସଲମାନମାନେ ଦୃବଳ ହୋଇଯାଇଛନ୍ତି ଓ ଏମାନେ ଯୁଦ୍ଧ କରିପାରିବେ ନାହିଁ । ଏହିପରି ଚିନ୍ତା ରଖି ସେ ସେମାନେ ତାଙ୍କର ସେହି ସାଥିମାନଙ୍କୁ ଯେଉଁମାନେ ଜୁଲ୍ କିସ୍‌ସାଠାରେ ଥିଲେ ଏ ଖବର ଦେଲେ । ସୁତରାଂ ସେମାନେ ବି ଏହି ଖବର ଶୁଣି ତାଙ୍କ ପାଖକୁ ଚାଲି ଆସିଲେ । କିନ୍ତୁ ସେମାନଙ୍କୁ ଜଣାନଥିଲା ଯେ, ମୁସଲମାନମାନେ ଏଭଳି ଭାବରେ ନିଜକୁ ପ୍ରସ୍ତୁତ କରିଥିବେ ଯେ ପରମେଶ୍ୱର ସେମାନଙ୍କ ପାଇଁ ଆଉ କିଛି ନିୟତ କରିସାରିଥିଲେ । ସାରା ରାତି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ନିଜ ସେନାକୁ ପ୍ରସ୍ତୁତ ଓ ସଜାଗ ରଖିବାରେ ବ୍ୟସ୍ତ ଥିଲେ ଏବଂ ସେମାନଙ୍କୁ ଯଥା ସମ୍ଭବ ଯୁଦ୍ଧ ରଣନୀତି ବୁଝାଇ ପ୍ରେରଣ କଲେ । ନୁମାନ୍ ବିନ୍ ମୁକର୍‌ରିନ୍ ଡ଼ାହାଣ ପାର୍ଶ୍ୱରେ, ଅବ୍‌ଦୁଲ୍ଲାଃ ବିନ୍ ମକ୍‌ରମ୍ ମେସ୍‌ରା ଅର୍ଥାତ ବାମପାର୍ଶ୍ୱରେ ଅର୍ଥାତ ବାମପାର୍ଶ୍ୱରେ ଓ ସୁଓ୍ୱେଦ୍ ବିନ୍ ମକ୍‌ରନ୍ ସେନାର ପଛ ଭାଗରେ ମୃତୟନ ଥିଲେ ସେମାନଙ୍କ ସହିତ ଆଉ କିଛି ସେନା ମଧ୍ୟ ଥିଲେ । ଏବେ ଫଜର୍ ନମାଜ୍‌ର ସମୟ ହୋଇନଥିଲା ଯେ ମୁସଲମାନମାନେ ଓ ଅମାନ୍ୟକାରୀମାନେ ଗୋଟିଏ ରଣକ୍ଷେତ୍ରରେ ଏକତ୍ରିତ ହୋଇ ସାରିଥିଲେ । ମୁସଲମାନମାନଙ୍କର କୌଣସି ଶବ୍ଦ ବି ସେମାନଙ୍କୁ ମିଳିନଥିଲା । ସୁତରାଂ ଏହିପରି ମୁସଲମାନମାନେ ଶତ୍ରୁପକ୍ଷ ଉପରେ ଆକ୍ରମଣ କଲେ । ସୂର୍ଯ୍ୟ ଏବେ ଆକାଶକୁ ଭଲ ଭାବରେ ଉଠି ନଥିଲା ଯେ ସେହି ଅମାନ୍ୟକାରୀମାନେ ପରାସ୍ତ ହୋଇ ରଣକ୍ଷେତ୍ର ଛାଡ଼ି ପଳାୟନ କଲେ । ଜୁଲ୍ କିସାଃ ସ୍ଥାନରେ ଆକ୍ରମଣକାରୀମାନଙ୍କର ଏକ ସହଯୋଗ ଦଳ ଯାହାକି ସେମାନେ ତାଙ୍କୁ ପଛରେ ଛାଡ଼ି ଆସିଥିଲେ ସେମାନେ ଆସି ଶତ୍ରୁମାନଙ୍କ ପକ୍ଷରେ ଓ ମୁସଲମାନମାନଙ୍କ ବିପକ୍ଷରେ ସାମିଲ ହୋଇଗଲେ । ସେତେବେଳେ ହଜରତ ଅବୁ ବକର୍ ର:ଅ ନିଜ ସୈନ୍ୟ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ । ରାତ୍ରର ପଛ ପ୍ରହରରେ ପୁନଶ୍ଚ ଘମାସାନ ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ପ୍ରଭାତ ହେବା ପୂର୍ବରୁ ଅମାନ୍ୟକାରୀମାନେ ପରାଜିତ ହୋଇ ପଳାୟନ କଲେ । ଏହା ପ୍ରଥମ ବିଜୟ ଥିଲା ଯାହାକି ଅଲ୍ଲାଃ ତାଲା ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ଖିଲାଫତ୍ କାଳରେ ମୁସଲମାନମାନଙ୍କୁ ପ୍ରଦାନ କରିଥିଲେ । ପୁଣି ଲେଖାଯାଇଛି ଯେ ମୁସଲମାନମାନେ ସେମାନଙ୍କର ସମସ୍ତ ପଶୁମାନଙ୍କୁ ଆୟରେ ନେଇ କବଜା କରିଦେଲେ । ଏହି ଅବସରରେ ହିବାଲ୍‌ର ମୃତ୍ୟୁ ହେଲା । ହଜରତ ଅବୁ ବକର୍ ସେମାନଙ୍କର ଜୁଲ୍ କିସ୍‌ସା ପର୍ଯ୍ୟନ୍ତ ପିଛାକଲେ ।

ଜଣେ ଇତିହାସ୍‌ବିତ ଏହି ଯୁଦ୍ଧର ସାମଞ୍ଜସ୍ୟତା ବଦର ଯୁଦ୍ଧ ସହିତ ଦର୍ଶାଇଛନ୍ତି ସେହି ଅବସରରେ ହଜରତ ଅବୁ ବକର୍ ର:ଅ ଯେଉଁ ବିଶ୍ୱାସ, ନିଷ୍ଠା ଓ ଦାମ୍ଭିକତାର ପ୍ରଦର୍ଶନ କରିଥିଲେ ଯାହା ଫଳରେ ମୁସଲମାନମାନଙ୍କର ହୃଦୟରେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସାଥିରେ ସାମିଲ ହୋଇଥିବା ଯୁଦ୍ଧର ସମୟ କାଳ ମନେ ପଡ଼ିଯାଇଥିଲା ଏବଂ ନିଜର ସଂଖ୍ୟା ଲଘୁତା ଓ ଶତ୍ରୁମାନଙ୍କ ମୁକାବିଲାରେ ସେମାନଙ୍କ ସଂଖ୍ୟା ଖୁବ୍ କମ୍ ଥିବା ସତ୍ୱେ ମଧ ମୁସଲମାନମାନେ ଏହି ଯୁଦ୍ଧକୁ ଜିଣି ନେଇଥିଲେ ।

ଅବୁ ବକର୍ ର:ଅଙ୍କ ଖିଲାଫତ ସମୟରେ ଏହା ପ୍ରଥମ ଯୁଦ୍ଧ ଥିଲା । ବଦର ଯୁଦ୍ଧ ସମୟରେ ମୁସଲମାନମାନଙ୍କ ସଂଖ୍ୟା କେବଳ ତିନିଶହ ତେର (୩୧୩) ଥିଲା ଓ ମୁଶ୍‌ରିକ୍‌ମାନଙ୍କର ସଂଖ୍ୟା ଥିଲା ଏକ ହଜାରରୁ ଊର୍ଦ୍ଧ୍ୱ । ସେହିଭଳି ଅବୁ ବକର ର:ଅଙ୍କର ଏହି ପ୍ରଥମ ଯୁଦ୍ଧରେ ମୁସଲମାନମାନଙ୍କର ସଂଖ୍ୟା ବହୁତ କମ୍ ଥିଲା । ଯେପରି ବଦର ଯୁଦ୍ଧ ସୁଦୀର୍ଘ ପରିଣାମ ବହନ କରିଥିଲା ସେହିପରି ଏହି ଯୁଦ୍ଧର ବିଜୟ ମଧ ମୁସଲମାନମାନଙ୍କ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଇଥିଲା । ଲେଖା ଅଛି ଯେ, ମୁସଲମାନମାନେ ଶତ୍ରୁର ସମସ୍ତ ଜୀବଜନ୍ତୁଙ୍କୁ ନିଜର ଅଧିନ କରିନେଇଥିଲେ ଏବଂ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଶତ୍ରୁର ପଛ ଧରି ଏପରି ଜୁଲ୍ କିସାଃ ସ୍ଥଳେ ପହଂଚିଗଲେ ଆପଣ ର:ଅଙ୍କ ଖିଲାଫତ୍ କାଳର ଏହା ପ୍ରଥମ ବଡ଼ ଯୁଦ୍ଧ ଥିଲା ଏହି ଯୁଦ୍ଧରେ ମଧ ଅମାନ୍ୟକାରୀଙ୍କ ସଂଖ୍ୟା ମୁସଲମାନମାନଙ୍କ ତୁଳନାରେ ବେଶ୍ ଅଧିକ ଥିଲା କାରଣ ସେମାନଙ୍କ ମଧ୍ୟରେ ଅବସ୍, ଜୁବିୟାନ୍ ଓ ଗତ୍‌ଫାନ୍ କବିଲା ମିଳିତ ରହିଥିଲେ । ଯେଉଁଭଳି ବଦର ଯୁଦ୍ଧ ମୁସଲମାନମାନଙ୍କ ପାଇଁ ସୁଦୁରପ୍ରସାରୀ ପ୍ରଭାବ ପକାଇ ଥିଲା ଠିକ୍ ସେହିପରି ଏହି ଯୁଦ୍ଧ ମଧ୍ୟ ମୁସଲମାନମାନଙ୍କ ଯୋଗୁଁ ସୁଦୁର ପ୍ରସାରୀ ପ୍ରଭାବ ପକାଇ ଥିଲା । *(ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ, ମୁହମ୍ମଦ ହୁସୈନ୍ ହୈକଲ୍...... ପୃ-୧୫୦-୧୫୧....... ଲାହୋର୍)*

ବନୁ ଜୁବିୟାନ୍, ବନୁ ଅସଦ୍ ଓ ଅନ୍ୟାନ୍ୟ ଗୋଷ୍ଠୀ ସମୁହ ଏହି ପରାଜୟ ଫଳରେ କ୍ରୋଧରେ ଜର୍ଜରିତ ହୋଇ ନିଜ ଅଂଚଳରେ ବସବାସ କରୁଥିବା ମୁସଲମାନମାନଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରି ସେମାନଙ୍କୁ ଶହୀଦ କରିଦେଲେ । ଅର୍ଥାତ ସେମାନେ ନିରୀହ ମୁସଲମାନମାନଙ୍କୁ ଶହୀଦ୍ କରିଦେଲେ । ଯେତେବେଳେ ହଜରତ ଅବୁ ବକର୍ ର:ଅଙ୍କୁ ଏହାର ସୁଚନା ମିଳିଲା ସେତେବେଳେ ଆପଣ ର:ଅ ଏ ଶପଥ କଲେ ଯେ କୌଣସି ମୁସଲମାନମାନଙ୍କୁ ହତ୍ୟା କରିଥିବା ଅତ୍ୟାଚାରୀଠାରୁ ଆମେ ପ୍ରତିଶୋଧ ନେବୁ ଓ ତାହାକୁ ହତ୍ୟା କରିବୁ । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୫୬..... ଲେବ୍‌ନାନ୍ ୨୦୧୨)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ନେତୃତ୍ୱରେ ଜକାତ୍ ଦେବାକୁ ଅସ୍ୱୀକାର କରୁଥିବା ଲୋକମାନଙ୍କ ଆକ୍ରମଣର ପ୍ରତିଶୋଧ ନେବା ଯୋଗୁଁ ଅନ୍ୟାନ୍ୟ ଗୋଷ୍ଠୀ ସମୂହ ନିଜ ନିଜର ଜକାତ୍ ଧରି ମଦିନା ଆସିବା ଆରମ୍ଭ କଲେ । ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ସେତେବେଳେ ମଦିନାରେ ଏଭଳି ମାତ୍ରାରେ ସଦ୍‌କାଃ ଓ ଜକାତ୍‌ର ରାଶି ଏକତ୍ରିତ ହୋଇଗଲା ଯେ, ମୁସଲମାନମାନଙ୍କ ସମସ୍ତ ଆବଶ୍ୟକତା ପୂରଣ ହେବା ପରେ ମଧ ଅର୍ଥ ବଳିପଡ଼ିଲା । କାରଣ ଯେତେବେଳେ ଦୁର୍ବଳ ଗୋଷ୍ଠୀମାନେ ଦେଖିଲେ ଯେ ଶକ୍ତିଶାଳୀ ଗୋଷ୍ଠୀମାନେ ନିଜ ନିଜର ଜକାତ୍ ଧରି ମଦିନା ଆସିବା ଆରମ୍ଭ କଲେଣି ସେତେବେଳେ ସେମାନେ ମଧ ନିଜର ଜକାତ୍ ନେଇ ମଦିନା ଚାଲି ଆସିଲେ । କେଉଁ ଦଳ ରାତ୍ରି ସମୟରେ ଆସି ପହଂଚୁଥିଲା ତ ଆଉ କେଉଁ ଦଳ ମଧ ରାତ୍ରରେ ଆଉ କିଏ ରାତ୍ରିର ଶେଷ ପ୍ରହରରେ ଆସି ମଦିନାରେ ପହଂଚୁଥିଲା । ଯେତେବେଳେ ଏହି ଲୋକମାନେ ମଦିନାରେ ପହଂଚିଥିଲେ, ସେତେବେଳେ ମୁସଲମାନମାନେ ଏହା କହୁଥିଲେ ଯେ ସମ୍ଭବତଃ ଏମାନେ ଭୟ ପ୍ରଦାନକାରୀ ଲୋକେ । ଅର୍ଥାତ କିଛି ଖରାପ ଖବର ଆଣିଥିବେ । କିନ୍ତୁ ପ୍ରତିଥର ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଏହା ହିଁ କହୁଥିଲେ ଯେ ଏମାନେ ହେଉଛନ୍ତି ସୁସମାଚାର ଦାତା ଆମର କ୍ଷତି ବା ଅନିଷ୍ଟ କରିବା ଏମାନଙ୍କର ଉଦ୍ଦେଶ୍ୟ ନୁହେଁ । ବସ୍ତୁତଃ ଯେତେବେଳେ ଜଣାଗଲା ଯେ, ଏହି ଜମାତ୍ ଇସ୍‌ଲାମ୍‌ର ସମର୍ଥନ କରିବା

ପାଇଁ ଜକାତ୍‌ର ଅର୍ଥ ଧରି ଆସିଛନ୍ତି ସେତେବେଳେ ମୁସଲମାନମାନେ ହଜରତ ଅବୁ ବକର ର:ଅଙ୍କୁ କହିଲେ । ଆପଣ ହେଉଛନ୍ତି ବହୁତ କଲ୍ୟାଣମୟ ବ୍ୟକ୍ତି । ଆପଣ ସର୍ବଦା ସୁସମାଚାର ଦେଇ ଆସୁଛନ୍ତି । *(ତାରିଖୁଲ୍ ତିବ୍‌ରୀ..... ଖଣ୍ଡ-୨, ପୃ-୨୫୬........ ଲେବ୍‌ନାନ୍ ୨୦୧୨)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ମୁସଲମାନମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ମନ୍ଦ ଉଦ୍ଦେଶ୍ୟରେ ଆସୁଥିବା ଲୋକ ତିବ୍ର ବେଗରେ ଚାଲନ୍ତି କିନ୍ତୁ ମଙ୍ଗଳକାରୀ ଲୋକେ ଧୀର ସ୍ଥିର ଭାବରେ ଆରାମ୍‌ରେ ଚାଲନ୍ତି । ମୁଁ ତାଙ୍କ ଗତିବିଧି ଲକ୍ଷ୍ୟ କରି ଏକଥା ଜାଣି ସାରିଛି *(ଅଲମ ସିରତୁଲ୍ ଇସ୍‌ଲାମୀୟା, ମୁନାର ଅହ୍‌ମଦ୍ ଗଜ୍‌ବାନ୍, ପୃ-୫୦, ମୁଦ୍ରିତ ଦାରୁଲ୍ ଇସ୍‌ଲାମ୍ ୨୦୧୫)* (ଯେ ଏମାନେ ଆମର ଅମଙ୍ଗଳ କାମନା କରି ଆସିନାହାନ୍ତି ଅବା ଏମାନଙ୍କର ଉଦ୍ଦେଶ୍ୟ ମନ୍ଦ ନୁହେଁ)

ଜକାତ୍ ଦେବାକୁ ମନା କରୁଥିବା ଲୋକମାନଙ୍କ ବିପକ୍ଷରେ ସଫଳତା ମିଳିବା ପରେ ଜକାତ ଅସୁଲ୍ ହେବା ବାବଦରେ ତିବ୍‌ରୀରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ସେତେବେଳେ ମଦିନାକୁ ଏତେମାତ୍ରାରେ ସଦ୍‌କାତ୍ ଆସିଲା ଯେ, ସେଥିରେ ମୁସଲମାନମାନଙ୍କ ଆବଶ୍ୟକତା ପୂରଣ ହେବା ପରେ ବି ବଳକା ବଂଚିଗଲା । *ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୫୩-୨୫୬..... ଲେବ୍‌ନାନ୍ ୨୦୧୨)*

ଏହି ବିଜୟ ଓ ସୁସମାଚାର ମିଳିବା ସହିତ ହଜରତ ଉସାମା ର:ଅଙ୍କ ସୈନ୍ୟଦଳ ବିଜୟ ମଣ୍ଡିତ ହୋଇ ମଦିନା ଫେରି ଆସିଲା । ସେହି ଅବସରରେ ହଜରତ ଅବୁ ବକର୍ ର:ଅ ହଜରତ ଉସାମା ର:ଅଙ୍କୁ ମଦିନାରେ ନିଜର ନାଏବ୍ (ଅର୍ଥାତ ଅତିରିକ୍ତ ପ୍ରତିନିଧି) ହେବାର ଦାୟିତ୍ୱ ପ୍ରଦାନ କରିଥିଲେ । ଏହା ମଧ୍ୟ ଉଲ୍ଲେଖ ଅଛି ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସିନାନ୍ ଜୁମ୍‌ରିଙ୍କୁ ନିଜର ନାଏବ୍ ମୃତୟନ କରିଥିଲେ ଏବଂ ତାଙ୍କ ସେହି ସୈନ୍ୟଦଳକୁ ଆଦେଶ ଦେଲେ ଯେ, ବର୍ତମାନ ତୁମେମାନେ ବିଶ୍ରାମ କର ଓ ନିଜ ବାହନଗୁଡ଼ିକୁ ମଧ୍ୟ ଆରାମ କରିବାକୁ ଦିଅ । ସେଥିଅନ୍ତେ ଲୋକମାନଙ୍କ ସାଥିରେ ବାହନରେ ଆରୋହଣ କରି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଜୁଲ୍ କିସାଃ ଆଡ଼କୁ ଯାତ୍ରା କରିଥିଲେ । ସେତେବେଳେ ମୁସଲମାନମାନେ ନିବେଦନ ପୂର୍ବକ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍‌ଙ୍କ ଖଲିଫା ! ଆପଣ ଏହି ଅଭିଯାନରେ ସ୍ୱୟମ ଯାଆନ୍ତୁ ନାହିଁ କାରଣ ପ୍ରଭୁ ନ କରନ୍ତୁ ଯଦି ଆପଣଙ୍କର କିଛି କ୍ଷତି ହୋଇଯାଏ ତାହେଲେ ସମସ୍ତ ବ୍ୟବସ୍ଥା ନଷ୍ଟ ଭ୍ରଷ୍ଟ ହୋଇଯିବ ବରଂ ନିଜ ସ୍ଥାନରେ ଅନ୍ୟ କାହାରିକୁ ପ୍ରେରଣ କରିଦିଅନ୍ତୁ । ଏଥିରେ ଆପଣ ର:ଅ ଉତର ଦେଲେ ଅଲ୍ଲାଃଙ୍କ ରାଣ ! ଏପରି କଦାପି ହେବନାହିଁ ବରଂ ମୁଁ ସ୍ୱୟମ ଆପଣମାନଙ୍କ ପାଇଁ ମୋ ଜୀବନଠାରୁ ବଳି ସହାନୁଭୂତି ଦେଖାଇବି । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୫୩-୨୫୬..... ଲେବ୍‌ନାନ୍ ୨୦୧୨) (ସୟଦନା ଅବୁ ବକର୍ ସିଦ୍ଦିକ୍ ର:ଅ......)*

ପୁନଶ୍ଚ ରବ୍‌ଜା ଉପରେ ଆକ୍ରମଣ ପ୍ରସଙ୍ଗରେ ଲେଖା ଅଛି ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସମସ୍ତ ବ୍ୟବସ୍ଥା କରି ଜୁଲ୍ କିସାଃ ଯାତ୍ରା କରିଥିଲେ । ଜୁକିସସା ମଦିନା ଠାରୁ ୪୦ ମାଇଲ ଦୂରତାରେ ଅବସ୍ଥିତ ଗୋଟିଏ ସ୍ଥାନର ନାମ । ନୁମାନ୍ ର:ଅ ଅବ୍‌ଦୁଲ୍ଲାଃ ର:ଅ ଏବଂ ସୁଓ୍ୱେଦ୍ ର:ଅ ନିଜ ନିଜ ସ୍ଥାନରେ ରହିଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଅବ୍‌ରକ୍ ସ୍ଥାନରେ ଯାଇ ରବ୍‌ଜା ଗୋଷ୍ଠୀକୁ ଭେଟିନେଲେ, ସେଠାରେ ଭୀଷଣ ଯୁଦ୍ଧ ହେଲା । ଶେଷରେ ଅଲ୍ଲାଃଙ୍କ କୃପାରୁ ହାରିସ୍ ଓ ଅଓଫ୍ ପରାଜିତ ହୋଇଥିଲେ । ଏମାନେ ମର୍‌ରାଃ, ସାଲ୍‌ବା, ଓ ଅବସ୍ ଗୋଷ୍ଠୀର ସର୍‌ଦାର ଥିଲେ ଏବଂ ଖୁତେୟାକୁ ଜୀବିତ ବନ୍ଦି କରିଦିଆଗଲା । ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଅଜର୍‌କରେ କିଛି ଦିନ ରହିବା ପରେ ଉକ୍ତ ସ୍ଥାନକୁ ଘୋଡ଼ା ମାନଙ୍କ ପାଇଁ ଚାରଣ ଭୂମି ରୂପେ ଚୟନ କରିନେଇଥିଲେ । ସେହି ଯୁଦ୍ଧରେ ପତିତ ହୋଇ ବନୁ ଅବସ୍ ଓ ବନୁ ଜୁବିୟାନ୍ ସୁଲୈହା ସହିତ ମିଳିତ ହୋଇଯାଇଥିଲେ, ଯିଏ ସମିରାରୁ ଯାତ୍ରା କରି ବୁଜାଖାରେ ପହଂଚି ସେଠାରେ ଅବସ୍ଥାନ କରିଥିଲେ । ବୁଜାଖା ବନୁ ଅସଦ୍‌ର ଗୋଟିଏ ଝରଣା ସ୍ରୋତର ନାମ ଥିଲା । ସେଠାରେ ତୁଲୈହା ଅଜ୍‌ବି ସହିତ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ବୃହତ ଯୁଦ୍ଧ ଘଟିଥିଲା । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୫୬, ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ଲେବ୍‌ନାନ୍ ୨୦୧୨) (ଫର୍‌ହଙ୍ଗ ସିରତ୍, ପୃ-୨୩୬, କରାଚି ୨୦୦୩) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୧, ପୃ-୪୮୪-୪୮୫)*

ଆଉ ଜଣେ ଇତିହାସବିତ୍ ପରାଜିତ ଦଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ ଅବସ୍, ବନୁ ଜୁବିୟାନ୍, ବନୁ ଅସଦ୍, ବନୁ ଗତ୍‌ଫାନ୍ ଓ ବନୁ ବକର୍ ତଥା ମଦିନାର ନିକଟବର୍ତୀ ଅନ୍ୟ ବିଦ୍ରୋହି କବିଲା ପାଇଁ ଏହା ଉପଯୁକ୍ତ ଥିଲା ଯେ ସେମାନେ ନିଜର ଜିଦି ଓ ବିଦ୍ରୋହ ପ୍ରଦର୍ଶନକୁ ଛାଡ଼ି ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରି ଇସ୍‌ଲାମୀୟ ନୀତିଶିକ୍ଷାର ପାଳନ କରିଥାନ୍ତେ ଓ ମୁସଲମାନମାନଙ୍କ ସହିତ ମିଶି ମୁର୍‌ତଦ୍ (ଧର୍ମଛଡ଼ା) ହୋଇଯାଇଥିବା ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥାନ୍ତେ । ବୁଦ୍ଧିମତା ଏଥିରେ ହିଁ ଥିଲଶ ଓ ଘଟଣାବଳୀ ମଧ୍ୟ ଏହାର ଅନୁକୂଳ ଥିଲା । କାରଣ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ମାଧ୍ୟମରେ ସେମାନଙ୍କର ବଳ ଭାଙ୍ଗି ଯାଇଥିଲା । ରୋମ୍ ସୀମାବର୍ତୀ ଅଂଚଳରେ ମଦିନାବାସୀଙ୍କ ପ୍ରତାପ ଖେଳି ଯାଇଥିଲା ଓ ମୁସଲମାନମାନଙ୍କର ବୀରତ୍ୱ ସେମାନଙ୍କ ହୃଦୟରେ କାୟା ବିସ୍ତାର କରିସାରିଥିଲା । ମୁସଲମାନମାନେ ସେହି ଦୁର୍ବଳ ଅବସ୍ଥାରେ ନଥିଲେ ଯେଉଁ ଅବସ୍ଥା ସେମାନଙ୍କର ବଦର ଯୁଦ୍ଧ ତଥା ପ୍ରାରମ୍ଭିକ ଅନ୍ୟ ଯୁଦ୍ଧ ସମୟରେ ଥିଲା ବରଂ ଏବେ ସେମାନଙ୍କର ଅବସ୍ଥା ପରିବର୍ତନ ହୋଇସାରିଥିଲା । ଏବେ ତ ମକ୍କା ବାସୀ ତଥା ତାଏଫ୍ ବାସୀ ମଧ୍ୟ ସେମାନଙ୍କ ସାଥିରେ ଅର୍ଥାତ ମୁସଲମାନମାନଙ୍କ ସାଥିରେ ସାମିଲ ହୋଇଯାଇଥିଲେ । ମକ୍କା ଓ ତାଏଫ୍‌ର ପ୍ରତାପ ସମଗ୍ର ଆରବବାସୀଙ୍କ ଉପରେ ବହୁମାତ୍ରାରେ ଥିଲା । ଏପରି କି ବିଦ୍ରୋହୀମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ମୁସଲମାନ ଏପରି ଥିଲେ, ଯେଉଁମାନଙ୍କୁ ବିଦ୍ରୋହୀ ଗୋଷ୍ଠି କୌଣସି ପ୍ରକାରେ ମଧ୍ୟ ନିଜ ସହିତ ସାମିଲ କରାଇପାରିନଥିଲେ । ସୁତରାଂ ଶତ୍ରୁମାନଙ୍କର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିଲା କିନ୍ତୁ ଏହା ସତ୍ୱେ ମଧ୍ୟ ମୁସଲମାନମାନଙ୍କ ଶତୃତାରେ ସେହି ବିଦ୍ରୋହିମାନଙ୍କ ଆଖି ଅନ୍ଧ ହୋଇଯାଇଥିଲା । ଲାଭ ଓ କ୍ଷତିର ଭାବନା ସେମାନଙ୍କ ମନରୁ ଉଠିଯାଇଥିଲା । ତେଣୁ ସେମାନେ ଅର୍ଥାତ ଶତ୍ରୁମାନେ ନିଜ ଭିଟାମାଟିକୁ ବିଦାୟ ଦେଇ ବନୁ ଅସଦ୍‌ର ମିଥ୍ୟା ନବିର ଦାବି କରିଥିବା ତଲିହା ବିନ୍ ଖୌଏଲଦ୍‌ଙ୍କ ସହିତ ମିଳିତ ହୋଇଯାଇଥିଲେ । ସେମାନଙ୍କ ପହଂଚିଯିବା ଫଳରେ ତୁଲୈହା ଓ ମୁସ୍‌ଲିମାଃର ଶକ୍ତି ଓ ସାମର୍ଥ୍ୟରେ ବେଶ୍ ଅଭିବୃଦ୍ଧି ଘଟିଥିଲା ଏବଂ ୟମନ୍ ଦେଶରେ ତ ଏହି ବିଦ୍ରୋହର ଅଗ୍ନୀ ତିବ୍ର ରୂପ ଧାରଣ କରିଥିଲା । *(ହଜରତ ଅବୁ ବକର ସିଦ୍ଦିକ୍.... ପୃ-୧୭୩-୧୭୪.... ଲାହୋର୍)*

ଏକଥା ସର୍ବଦା ମନେ ରଖିବା ଉଚିତ ଯେ ସେମାନେ ବିଦ୍ରୋହର ଅଗ୍ନୀ ପ୍ରଜ୍ୱଳିତ କରିଥିଲେ ଏବଂ ଯୁଦ୍ଧର ସୂତ୍ରପାତ ମଧ୍ୟ ସେହିମାନଙ୍କ ଠାରୁ ଆରମ୍ଭ ହୋଇଥିଲା । ସୁତରାଂ କେବଳ ତାହାର ପ୍ରତିଶୋଧ ହିଁ ସେହିମାନଙ୍କ ଠାରୁ ନିଆଯାଇଥିଲା । (ଅର୍ଥାତ ଯଦି ମୁସଲମାନମାନେ ସେମାନଙ୍କ ବିପକ୍ଷରେ ଯୁଦ୍ଧ କରିଥିଲେ ତେବେ କେବଳ ପ୍ରତିଶୋଧ ନେବା ପାଇଁ କରିଥିଲେ । ଯେଭଳି ତୁମୁଳ କାଣ୍ଡ ସେମାନେ ଭିଆଇଥିଲେ ତାହାର ପ୍ରତିଶୋଧ ନେବା ପାଇଁ ମୁସଲମାନମାନଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା)

ଜକାତ୍‌ର ଅସ୍ୱୀକାର କାରୀଙ୍କ ଉପରେ ବିଜୟ ପ୍ରାପ୍ତ କରିବା ଓ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ବୀରତ୍ୱ ଓ ଦାମ୍ଭିକତାର ଚର୍ଚ୍ଚା କରି ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି: ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦେହାବସାନ ପରେ ଆମେମାନେ ସେହି ସ୍ଥଳେ ଛିଡ଼ା ହୋଇଥିଲୁ ଯେ, ଯଦି ପରମେଶ୍ୱର ହଜରତ ଅବୁ ବକର୍ ର:ଅଙ୍କ ମାଧ୍ୟମରେ ଆମମାନଙ୍କର ସାହାଯ୍ୟ ସହଯୋଗ କରିନଥାନ୍ତେ ତେବେ ଆମେ ସୁନିଶ୍ଚିତ ରୂପେ ଧ୍ୱଂସ ପାଇଯାଇଥାନ୍ତୁ । ଆମମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଆମେ ଜକାତ୍‌ର ଓଟ ହାସଲ କରିବା ପାଇଁ ଅନ୍ୟମାନଙ୍କ ସହିତ ଯୁଦ୍ଧ କରିବୁନାହିଁ ବରଂ ପ୍ରଭୁଙ୍କ ଉପାସନାରେ ନିର୍ମଜିତ ହୋଇଯିବୁ ଯେ ପର୍ଯ୍ୟନ୍ତ କି ଆମକୁ ସମ୍ପୂର୍ଣ୍ଣ ରୂପେ ବିଜୟ ଲାଭ ହୋଇନାହିଁ । କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସେହି ଅମାନ୍ୟକାରୀଙ୍କ ସହିତ ଯୁଦ୍ଧ କରିବାର ଦୃଢ଼ ସଂକଳ୍ପ କରିସାରିଥିଲେ । ଅତଏବ ସେମାନେ ଅମାନ୍ୟକାରୀଙ୍କ ସମ୍ମୁଖରେ ମାତ୍ର ଦୁଇଟି ସର୍ତ ରଖିଥିଲେ, ପ୍ରଥମତଃ ସେମାନେ ନିଜର ପରାଜୟ ସ୍ୱୀକାର କରିନିଅନ୍ତୁ । ଯଦି ଏହା ନ କରନ୍ତି ତା ହେଲେ ଦେଶ ଛାଡ଼ି ଚାଲିଯାଆନ୍ତୁ ଅଥବା ଯୁଦ୍ଧର ସାମନା କରନ୍ତୁ । ନିଜ ଅପମାନ ଓ ପରାଜୟ ସ୍ୱୀକାର କରିବା ଏହା ହେବ ଯେ ସେମାନଙ୍କ ମଧ୍ୟରୁ ମରିଯାଇଥିବା ଲୋକେ ନର୍କବାସୀ ବୋଲି ସେମାନେ ମାନି ନେବେ ଏବଂ ଆମ ସାଥିମାନଙ୍କୁ ବୈକୁଣ୍ଠବାସୀ ବୋଲି ଜାଣିନେବେ ଏବଂ ସେମାନେ ଆମ ନୀହତ ବ୍ୟକ୍ତିଙ୍କର କ୍ଷତି ପୂରଣ ଦେବେ ଏବଂ ଆମେ ଯେଉଁ ମାଲେ ଗନିମତ ହାସଲ କରିଥିଲୁ ତାହା ଫେରସ୍ତ କରିବାର ଦାବି କରିବେନାହିଁ । କିନ୍ତୁ ଯେଉଁ ମାଲ୍ ସେ ଆମମାନଙ୍କଠାରୁ ନେଇଛନ୍ତି ତାହା ସେ ଆମମାନଙ୍କୁ ଫେରସ୍ତ କରିଦେବେ । ଦେଶଛାଡ଼ି ଚାଲିଯିବାର ଦଣ୍ଡର ଅର୍ଥ ହେଉଛି ଏହା କି ସେମାନେ ନିଜ ଅଂଚଳରୁ ବାହାରି ଦୁର ଦୂରାନ୍ତର ଅଂଚଳରେ ବସତି ସ୍ଥାପନ କରିବେ । *(ହଜରତ ଅବୁ ବକର ସିଦ୍ଦିକ୍.... ପୃ-୧୧୮.... ଲାହୋର୍)*

ହଜରତ ମୁସ୍‌ଲେହ ମଉଦ ର:ଅ ଏଥି ସକ୍ରାନ୍ତରେ କୁହନ୍ତି ହଜୁର ସ:ଆ:ସଙ୍କ ସ୍ୱର୍ଗାବାସ ପରେ ସମଗ୍ର ଆରବ ଗୋଷ୍ଠୀ ଜକାତ୍ ଦେବାକୁ ମନା କରିଦେଲେ ଫଳତଃ ହଜରତ ଅବୁ ବକର୍ ର:ଅ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ହେଲେ ସେତେବେଳେ ପରିସ୍ଥିତି ଏଭଳି ସଂଙ୍କଟାପନ୍ନ ଓ ଜଟିଳ ହୋଇଯାଇଥିଲା ଯେ, ହଜରତ ଉମର ର:ଅଙ୍କ ପରି ବ୍ୟକ୍ତିତ୍ୱ ଆସି ହଜରତ ଅବୁ ବକର୍ ର:ଅଙ୍କୁ ପରାମର୍ଶ ଦେଲେ କି ହେ ଅଲ୍ଲାଃଙ୍କର ରସୁଲ୍‌ଙ୍କ ଖଲିଫା ! ଏମାନଙ୍କ ସହ ନମ୍ର ଆଚରଣ କରନ୍ତୁ ଏଥିରେ ଅବୁ ବକର୍ ର:ଅ ଉତର ଦେଲେ, ଅବୁ କାହାଫାର ପୁତ୍ରର କଣ ଅଉକାତ ଅଛି ଯେ ସେ ହଜୁର ସ:ଆ:ସଙ୍କ ଆଦେଶକୁ ରଦ୍ଦ କରିଦେବ ? ପ୍ରଭୁଙ୍କ ରାଣ ! ହଜୁର ସ:ଆ:ସଙ୍କ ସମୟରେ ଓଟର ଗୋଡ଼ ବାନ୍ଧିବାର ଦଉଡ଼ି/ରସି କୁ ଯେଉଁମାନେ ଜକାତ୍‌ରେ ଦେଉଥିଲେ ଯଦି ତାହା ବର୍ତମାନ ସେମାନେ ନ ଦିଅନ୍ତି ତେବେ ମୁଁ ସେମାନଙ୍କ ସହ ଯୁଦ୍ଧ କରିବି ଏବଂ ତାହା ସବୁ ସେମାନଙ୍କଠାରୁ ତାହା ଛଡ଼ାଇ ନେବି । ଯଦି ତୁମେମାନେ ମୋ ସହିତ ଏହି କାର୍ଯ୍ୟରେ ସହଯୋଗ କରିବାକୁ ନ ଚାହୁଁଛ ତେବେ ନିଃସନ୍ଦେହ ରୂପେ ମୋ ଠାରୁ ଅଲଗା ହୋଇଯାଅ । ମୁଁ ଏକାକୀ ସେମାନଙ୍କର ମୁକାବିଲା କରିବି । ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି: ଦେଖ ହଜରତ ଅବୁ ବକର୍ ର:ଅ ହଜୁର ସ:ଆ:ସଙ୍କର କିଭଳି ଅନୁଗାମୀ ଥିଲେ ଯେ, ସେ ଅତି ଜଟିଳ ପରିସ୍ଥିତିରେ ମଧ୍ୟ ହଜୁର ସ:ଆ:ସଙ୍କ ଆଦେଶ ପ୍ରଣୟନ କରିବାରେ ତଥା ସମସ୍ତ ପ୍ରକାର ବାଧା ବିଘ୍ନ ଓ ଜଟିଳ ପରିସ୍ଥିତିର ମଧ୍ୟ ଭ୍ରୁକ୍ଷେପ କଲେନାହିଁ ବରଂ ସେ ସବୁ ପ୍ରକାରର ବିପଦକୁ ବରଦାସ୍ତ କରିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । *(ତଫ୍‌ସୀର୍ କବୀର୍, ଖଣ୍ଡ-୮, ପୃ-୧୦୮-୧୦୯)*

ଆଉ ଏକ ସ୍ଥାନରେ ହଜରତ ମୁସଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି: ହଜରତ ଅବୁ ବକର୍ ର:ଅଙ୍କ ସମୟ କାଳରେ ବିଶୃଙ୍ଖଳା ଓ ବିଦ୍ରୋହ ଚର୍ତୁଃପାର୍ଶ୍ୱରେ ପରିବ୍ୟାପ୍ତ ହୋଇଯାଇଥିଲା ଏବଂ କେବଳ ଗ୍ରାମ ଗଣ୍ଡାରେ ସାମୁହିକ ନମାଜ ପାଠ କରାଯାଉଥିଲା । ସିରିଆ ଦେଶକୁ (ଉସାମାଙ୍କ ସେନାକୁ) ପ୍ରେରଣ କରିବା ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଜକାତ୍ ଦେବାକୁ ମନା କରୁଥିବା ଲୋକମାନଙ୍କ ନିକଟକୁ ସନ୍ଦେଶ ପଠାଇଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମୟରେ ଯଦି କିଏ ଖଣ୍ଡେ ରସି ବି ଜକାତ୍‌ରେ ଦେଉଥିଲା ଓ ଏବେ ଦେବାକୁ ମନା କରୁଛି, ତା'ହେଲେ ମୁଁ ତା ବିରୁଦ୍ଧରେ ଖଣ୍ଡା ଉତଳନ କରି ତା'ଠାରୁ ତାହାକୁ ନେଇଯିବି । ହଜରତ ଉମର ର:ଅ ମଧ୍ୟ ଶେଷରେ ପରାମର୍ଶ ଦେଲେ ଯେ, ଏହି

ଲୋକମାନଙ୍କ ସହିତ ସନ୍ଧି କରିନିଅନ୍ତୁ । କିନ୍ତୁ ହଜରତ ଅବୁ ବକର୍ ର:ଅ ତାଙ୍କ କଥା ଶୁଣିଲେ ନାହିଁ । ଏଥିରୁ ପ୍ରମାଣିତ ହେଉଛି ଯେ, ଜକାତ୍ ଦେବା କେତେ ଜରୁରୀ । *(ମଦାରିଯେ ତକ୍‌ୱା, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୩୮୨-୩୮୩)*

ଧର୍ମ ନିଷ୍ଠତାର ସ୍ତର ପ୍ରସଙ୍ଗରେ ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ ଏହି ପ୍ରସଙ୍ଗ ନିଜ ଅଭିଭାଷଣରେ ବ୍ୟାଖ୍ୟା କରିଥିଲେ ଓ ଧର୍ମନିଷ୍ଠତାର ସ୍ତର ପ୍ରସଙ୍ଗରେ ବର୍ଣ୍ଣନା କରି କହିଥିଲେ ଯେ ଅହେମଦୀମାନଙ୍କୁ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ ଯେ, ଜକାତ୍ କେତେ ଜରୁରୀ ଏବଂ ଏହା ନିୟମିତ ରୂପେ ପଇଠ କରିବା ଅନିବାର୍ଯ୍ୟ । *(ମଦାରିଯେ ତକ୍‌ୱା, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୩୮୩)*

ପୁଣି ଆଉ ଏକ ସ୍ଥାନରେ ଜକାତ ସମ୍ବନ୍ଧରେ ବର୍ଣ୍ଣନା କରି ହଜରତ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି ଯେ "ଜକାତ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । କିନ୍ତୁ ଲୋକମାନେ ଏହାକୁ ବୁଝି ନାହାନ୍ତି । ଖୁଦାତାଲା ନମାଜ ପରେ ଏହି ଜକାତ୍ ପଇଠ କରିବାପାଇଁ ଆଦେଶ ଦେଇଛନ୍ତି । ଖିଲାଫତ୍‌ର ଆସନ ପ୍ରସଙ୍ଗରେ ଗୋଟିଏ ସ୍ଥାନରେ ଆପଣ କୁହନ୍ତି ଯେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ଜକାତ୍ ଦେବାକୁ ଅସ୍ୱୀକାର କଲେ ଲୋକମାନେ ଯେ, ଏହି ଆଦେଶ କେବଳ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପାଇଁ ବିଧେୟ ଥିଲା । ତାଙ୍କ ଅନ୍ତେ ବର୍ତ୍ତମାନ ଆଉ କେହି ଜକାତ୍ ଆଦାୟ କରିବାର ଅଧିକାରୀ ନୁହେଁ । ହଜରତ ଅବୁ ବକର୍ ର:ଅ ଏହି ଆପତିର ଉତର ଦେଇ କହିଲେ, ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନୀଧନ ହୋଇଗଲା ସତ କିନ୍ତୁ ଧର୍ମ ବିଧାନ ଏବେ ମଧ୍ୟ ନିଜ ସ୍ଥାନରେ ପ୍ରତିଷ୍ଠିତ ଓ ପ୍ରବର୍ତ୍ତିତ ଏବଂ ମୁଁ ତାଙ୍କ ପ୍ରତିନିଧି ହୋଇ କହୁଛି ଯେ, ଏହି ନିୟମ ଚୀରକାଳ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହିଥିବ କିନ୍ତୁ ଲୋକମାନେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବୁଝି ପାରିଲେ ନାହିଁ । ପରମେଶ୍ୱର ନମାଜ ପରେ ଜକାତ୍ ଦେବାର ଆଦେଶ ଦେଇଛନ୍ତି । ହଜରତ ଅବୁ ବକର୍ ର:ଅ କହିଲେ, ମୁଁ ଜକାତ୍ ନ ଦେବା ଲୋକମାନଙ୍କ ସହିତ ସେହିପରି ଆଚରଣ କରିବି ଯେପରି ହଜୁର ସ:ଆ:ସ ଅମାନ୍ୟକାରୀଙ୍କ ସାଥିରେ କରୁଥିଲେ । ହଜୁର ସ:ଆ:ସଙ୍କ ପରଲୋକ ପରେ କେବଳ ମକ୍କା ମଦିନା ଓ ଅନ୍ୟ ଏକ ସହର ବ୍ୟତିତ ସମଗ୍ର ଆରବ ସ୍ୱଧର୍ମରୁ ଓହରି ଯାଇଥିଲେ ଏପରି ପ୍ରତିକୂଳ ପରିସ୍ଥିତିରେ ହଜରତ ଉମର ର:ଅ ମଧ୍ୟ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କୁ ପରାମର୍ଶ ଦେଇଥିଲେ ଯେ ଏହି ଜକାତ୍‌ର ଅସ୍ୱୀକାରୀଙ୍କ ସହିତ ସନ୍ଧି କରିନିଅନ୍ତୁ, ପ୍ରଥମେ ମିଥ୍ୟା ଅବତାରତ୍ୱର ଦାବି କରିଥିବା ଲୋକମାନଙ୍କର ମୂଳୋତ୍ପାଟନ ହୋଇଯାଉ । କାରଣ ସେମାନେ ହିଁ ମୂଳ ଷଡ଼ଯନ୍ତ୍ରର ଉତ୍ସ ଓ ସବୁଠାରୁ ଭୟଙ୍କର । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଉତର ଦେଲେ ଯଦି ଲୋକମାନେ ଛେଳି ଛୁଆ ଓ ଓଟର ଗୋଡ଼ ବନ୍ଧା ଯାଉଥିବା ରସି ସମ ଜକାତ୍ ଦେବାକୁ ମନା କରନ୍ତି ତେବେ ସୁଦ୍ଧା ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି ଯଦି ତୁମେମାନେ ମୋର ଏହି ଅଭିଯାନରେ ମୋଠାରୁ ଅଲଗା ରହିବାକୁ ଚାହୁଁଅଛ ତେବେ ନିଃସନ୍ଦେହ ରୂପେ ଅଲଗା ହୋଇଯାଅ ମୁଁ ଏକାକୀ ହିଁ ସେମାନଙ୍କର ମୁକାବିଲା କରିବି । *(ବରକାତେ ଖିଲାଫତେ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨, ପୃ-୨୨୨-୨୨୩)*

ଏହା ମଧ୍ୟ ଖିଲାଫତ୍‌ର ବର୍‌କତ୍ ମଧ୍ୟରୁ ଗୋଟିଏ ଯେ, ଧର୍ମାଦେଶକୁ ପ୍ରଣୟନ କରିବା ସକାଶେ ସମସ୍ତ ପ୍ରକାରର ପ୍ରୟାସ ଉପସ୍ଥିତ ଖଲିଫା ହିଁ କରିଥାନ୍ତି ।

ହଜରତ ମୁସ୍‌ଲେହ୍ ମଉଦ ର:ଅ ଗୋଟିଏ ସ୍ଥାନରେ ବର୍ଣ୍ଣନା କରିଛନ୍ତି: ଲୋକେ ଆଉ ଗୋଟିଏ ଅଭିଯୋଗ ଓ ଆପତି କରିଥାନ୍ତି କିନ୍ତୁ ତାହାର ଉତର ପରମେଶ୍ୱର ୧୩ଶହ ବର୍ଷ ପୂର୍ବରୁ ପ୍ରଦାନ କରିଦେଇଛନ୍ତି । ଲୋକେ ଆପତି କରିଥାନ୍ତି ହଜୁର ସ:ଆ:ସଙ୍କୁ ଶାୱିରହୁମ୍ ଫିଲ୍ ଅମ୍ରି ର ଆଦେଶ ଦିଆଯାଇଥିଲା ତେବେ ଏ ଖିଲାଫତ୍ ବ୍ୟବସ୍ଥା କେଉଁଠାରୁ ବାହାରି ପଡ଼ିଲା ? ସେହି ଲୋକମାନଙ୍କୁ ମନେରଖିବା ଉଚିତ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସମୟରେ ଜକାତ୍ ପ୍ରସଙ୍ଗରେ ମଧ୍ୟ ଲୋକମାନେ ଏହି କିସମର ଆପତି କରିଥିଲେ ଯେ, ଜକାତ୍ ଦେବାର ଆବଶ୍ୟକତା ନାହିଁ । କାରଣ ଜକାତ୍ ଦେବାର ଆଦେଶ କେବଳ ହଜୁର ସ:ଆ:ସଙ୍କୁ ପ୍ରଦାନ କରାଯାଇଥିଲା । ତାଙ୍କ ଅନ୍ତେ ଏହା ଆଦାୟ କରିବା ଅର୍ଥାତ ଜକାତ୍ ଆଦାୟ କରିବାର କିଏ ବା ଅଧିକାରୀ ହୋଇପାରିବ ? ଯେପରି ହଜରତ ଅବୁ ବକର୍ ର:ଅ ସେହି ଆପତିର ଉତର ଦେଇଥିଲେ ଯେ, ହଜୁର ସ:ଆ:ସଙ୍କର ନିଧନ ହୋଇଗଲା ସତ କିନ୍ତୁ ଧର୍ମ ବିଧାନ ଏବେ ସୁଦ୍ଧା ଚଳଚଂଚଳ ଓ ନିଜ ସ୍ଥାନରେ ପ୍ରତିଷ୍ଠିତ ଏବଂ ମୁଁ ତାଙ୍କ ପ୍ରତିନିଧି ହୋଇ କହୁଛି ଯେ ଏହି ନିୟମ ଚିରକାଳ ଖିଲାଫତ ସହିତ ସଂଶ୍ଲିଷ୍ଟ ରହିବ ।ହ ଜ ର ତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ଯଦି ସେତେବେଳେ ସେହି ଉତର ସତ୍ୟ ଥିଲା ଓ ନିଶ୍ଚିତ ରୂପେ ସତ୍ୟ ଥିଲା । ଅର୍ଥାତ ହଜରତ ଅବୁ ବକର୍ ର:ଅଙ୍କ ଉତର ସତ୍ୟ ଥିଲା । ସେହିପରି ଆଜି ମୁଁ ମଧ୍ୟ ଯାହା କହୁଅଛି ତାହା ସତ୍ୟ ଅଟେ ଏବଂ ଏହି ସିଦ୍ଧାନ୍ତ ସର୍ବଦା ଖିଲାଫତ୍ ସହିତ ରହିବ । ଏକଥା ମନେ ରଖିବା ଯୋଗ୍ୟ । ପୁନଶ୍ଚ ଆପଣ ର:ଅ କୁହନ୍ତି ଯଦି ତୁମର ଆପତି ଓ ଅଭିଯୋଗକୁ ଉଚିତ ମଣାଯାଏ ତା'ହେଲେ କୁର୍‌ଆନ୍‌ର ଏପରି ଅନେକ ଆଦେଶକୁ ଅଲଗା କରିଦେବାକୁ ପଡ଼ିବ ଓ ଏହା ହେଉଛି ସ୍ପଷ୍ଟ ମୂର୍ଖାମି ଓ ପଥଭ୍ରଷ୍ଟତା ।

ଏହା ଆପଣ ସେତେବେଳେ ବର୍ଣ୍ଣନା କରୁଥିଲେ ଯେତେବେଳେ ଖିଲାଫତ୍‌ର ଆସନ ତଥା କାର୍ଯ୍ୟ ଦାୟିତ୍ୱ ପ୍ରସଙ୍ଗରେ ଆପଣ ବକ୍ତୃତା ଦେଉଥିଲେ । ଆଉ ଏକ ଅବସରରେ ଆପଣ ବର୍ଣ୍ଣନା କରିଛନ୍ତି ଯେତେବେଳେ ହଜୁର ସ:ଆ:ସଙ୍କର ଅକାଳ ବିୟୋଗ ଘଟିଲା ସେତେବେଳେ ଅନେକ ଅବୋଧ ବ୍ୟକ୍ତିମାନେ ଇସ୍‌ଲାମ୍ ଧର୍ମରୁ ଓହରି ଗଲେ । ତତ୍ ସମ୍ପର୍କରେ ଇତିହାସରେ ଉଲ୍ଲେଖ ରହିଛି ଯେ କେବଳ ତିନୋଟି ଏଭଳି ସ୍ଥାନ ରହିଥିଲା, ଯେଉଁଠାରେ ବାଜମାତ୍ ଅର୍ଥାତ ସାମୁହିକ ନମାଜ ପାଠ କରାଯାଉଥିଲା । ସେହିପରି ଦେଶର ଲୋକେ ଜକାତ୍ ପଇଠ କରିବାକୁ ମଧ୍ୟ ଅସ୍ୱୀକାର କରିଦେଇଥିଲେ ଓ ସେମାନେ ସିଧାସଳଖ ଭାବରେ କହିଦେଇଥିଲେ ଯେ, ହଜୁର ସ:ଆ:ସଙ୍କ ପରେ କାହା ପାଖରେ ଏ ଅଧିକାର ଅଛି ଯେ ସେ ଆମ ଠାରୁ ଜକାତ୍ ଆଦାୟ କରିପାରିବ ? ଅତଏବ ଯେତେବେଳେ ଏହି ଖବରଟି ସମଗ୍ର ଆରବରେ ବ୍ୟାପିଗଲା ଏବଂ ହଜରତ ଅବୁ ବକର୍ ର:ଅ ଏହିପରି ଭାବରେ ଲୋକମାନଙ୍କ ଉପରେ କଠୋରତା ଅବଲମ୍ବନ କରିବାକୁ ଇଚ୍ଛା ପ୍ରକାଶ କଲେ, ସେତେବେଳେ ହଜରତ ଉମର ର:ଅ ତଥା ଅନ୍ୟାନ୍ୟ ସାହାବାମାନେ ମଧ୍ୟ ଆପଣ ର:ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ନିବେଦନ କଲେ ଯେ, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମର ସାମାନ୍ୟତମ ଅବହେଳା ମଧ୍ୟ ଏକ ବିରାଟ କ୍ଷତିର କାରଣ ସାବ୍ୟସ୍ତ ହୋଇପାରେ ଅତଏବ ଆମମାନଙ୍କର ଏହି ପରାମର୍ଶ ଯେ, ଏତେ ବିଶାଳ ସଂଖ୍ୟକ ଶତ୍ରୁମାନଙ୍କର ମୁକାବିଲା କରିବା ଉଚିତ ହେବନାହିଁ । ଯେଉଁମାନେ ଜକାତ୍ ଦେବାକୁ ଇଚ୍ଛୁକ ନାହାନ୍ତି ସେମାନଙ୍କ ପ୍ରତି ବିନମ୍ରତା ମୂଳକ ଆଚରଣ ପ୍ରଦର୍ଶନ କରାଯାଉ । ହଜରତ ଅବୁ ବକର୍ ର:ଅ ଉତର ଦେଲେ ଯେ, ତୁମମାନଙ୍କ ମଧ୍ୟରୁ ଯେ କେହି ଭୟ କରୁଛନ୍ତି ସେମାନେ ଯୁଆଡ଼େ ଇଚ୍ଛା ସିଆଡ଼େ ଚାଲି ଯାଇପାରନ୍ତି । ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ତୁମମାନଙ୍କ ମଧ୍ୟରୁ ଯଦି ଜଣେ ବ୍ୟକ୍ତି ମୋର ସମର୍ଥନ ନ କରେ ଏବଂ ମୋଠାରୁ ବିଚ୍ଛିନ୍ନ ହୋଇଯାଏ ତେବେ ସୁଦ୍ଧା ମୁଁ ଏକାକି ଶତ୍ରୁର ମୁକାବିଲା କରିବି ଏବଂ ଶତ୍ରୁ ଯଦି ମଦିନା ଭିତରକୁ ପ୍ରବେଶ କରି ଆସେ ଏବଂ ମୋର ପ୍ରିୟଜନ ଓ ସମ୍ପର୍କୀୟମାନଙ୍କୁ ହତ୍ୟା କରିଦିଏ ତଥା କୁକୁରମାନେ ମହିଳାମାନଙ୍କ ଶବକୁ ମଦିନାର ଗଳିକନ୍ଦିରେ ଘୋଷାରି ବୁଲନ୍ତି ତେବେ ମଧ୍ୟ ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି ଏବଂ ମୁଁ ସେପର୍ଯ୍ୟନ୍ତ ଅଟକିବି ନାହିଁ ଯେପର୍ଯ୍ୟନ୍ତ ଏହି ଲୋକମାନେ ଜକାତ୍ ପଇଠ କରିନାହାନ୍ତି । ଅତଏବ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଶତ୍ରୁ ପକ୍ଷର ସମସ୍ତ ଉପଦ୍ରବର ଅତ୍ୟନ୍ତ ସାହାସିକତାର ସହିତ ମୁକାବିଲା କରିଥିଲେ ପରିଶେଷରେ ସେ ଏଥିରେ କୃତକାର୍ଯ୍ୟ ହୋଇଥିଲେ ତାହା କେବଳ ଏଥିପାଇଁ ଯେ, ସେ ଭାବୁଥିଲେ ଯେ ଏହି କାର୍ଯ୍ୟ ଟି ମୋ ଦ୍ୱାରା ହିଁ ସମ୍ପାଦିତ ହେବ ।

ହଜରତ ଅବୁ ବକର୍ ର:ଅ ପରାମର୍ଶ ଦେଇଥିବା ସାହାବାମାନଙ୍କୁ ରୋକ୍‌ଠୋକ୍ କହିଦେଇଥିଲେ ଯେ ତୁମମାନଙ୍କ ମଧ୍ୟରୁ ଯଦି ସମସ୍ତେ ବି ମୋତେ ଛାଡ଼ି ଚାଲିଯାଆନ୍ତି ଓ ମୋତେ ସାହାଯ୍ୟ ସହଯୋଗ ନ କରନ୍ତି ତା ହେଲେ ମୁଁ ଏକୁଟିଆ ଶତ୍ରୁର ମୁକାବିଲା କରିବି ଏପରି କି ମୁଁ ଶେଷ ନିଶ୍ୱାସ ତ୍ୟାଗ କରିବା ଅଲ୍ଲାଃଙ୍କ ନିକଟରେ ହାଜିର୍ ହୋଇଯାଏ । ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି "ଯେଉଁ ଜାତି ମଧ୍ୟରେ ଏହିଭଳି ଦୃଢ଼ ଇଚ୍ଛା ଶକ୍ତି ଉତ୍ପନ୍ନ ହୋଇଯାଏ, ସେହି ଜାତି ପ୍ରତ୍ୟେକ ରଣଭୂମିରେ ବିଜୟ ମଣ୍ଡିତ ହୋଇଥାଏ ଓ ଶତ୍ରୁ ତା ସମ୍ମୁଖରେ କଦାପି ତିଷ୍ଠି ପାରିନଥାଏ" *(କୌମି ତରକ୍‌କି କେ ଦୋ ଅହମ୍ ଉସୁଲ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୯, ପୃ-୭୫, ୭୬)* ଅତଏବ ଏହା ହିଁ ଏକ ଜାତିର ଉନ୍ନତିର ମୂଳମନ୍ତ୍ର ଯାହାକୁ ସର୍ବଦା ସ୍ମରଣ ରଖିବା ଉଚିତ ।

ହଜରତ ମୁସ୍‌ଲେହ ମଉଦ ର:ଅ ପୁନଶ୍ଚ ଅନ୍ୟ ଏକ ଅବସରରେ କହିଥିଲେ ଯେ, ହଜୁର ସ:ଆ:ସଙ୍କ ବିୟୋଗ ପରେ ଜକାତ୍ ସଂକ୍ରାନ୍ତରେ ଦେଖା ଦେଇଥିବା ମତଭେଦକୁ କେନ୍ଦ୍ର କରି ଆରବର ହଜାର ହଜାର ଲୋକମାନେ ସ୍ୱଧର୍ମରୁ ଓହରି ଯାଇଥିଲେ । ମୁସ୍‌ଲେମା ଏକ ଲକ୍ଷର ସୈନ୍ୟ ଧରି ମଦିନା ଉପରେ ଆକ୍ରମଣ କରିବାପାଇଁ ବାହାରି ପଡ଼ିଥିଲା । ସେତେବେଳେ କେତେକ ବ୍ୟକ୍ତି ହଜରତ ଅବୁ ବକର୍ ର:ଅଙ୍କୁ ଏହି ପରାମର୍ଶ ଦେଲେ ଯେ, ହେ ଅମୀରୁଲ୍ ମୁମିନିନ୍ ! ବର୍ତ୍ତମାନ ପରିସ୍ଥିତି ଅତି ସଙ୍କଟାପନ୍ନ ତେଣୁ ଏହି ଘଡ଼ିସନ୍ଧି ସମୟରେ ଲୋକମାନେ ସ୍ୱଧର୍ମରୁ ଜକାତ୍‌କୁ ଆଧାର କରି ଓହରି ଯାଉଛନ୍ତି ଓ ଅନ୍ୟ ପଟେ ମିଥ୍ୟାବାଦୀ ମୁସ୍‌ଲେମା ବିନ୍ କଜାବ୍ ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ କରିସାରିଛି ଏବଂ ମଦିନା ଉପରେ ଆକ୍ରମଣ କରିବାପାଇଁ ସଂକଳ୍ପ କରିନେଇଛି ତେଣୁ ଏହି ସବୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆପଣ ମୂଳରୁ ଜକାତ୍ ମାଗନ୍ତୁ ନାହିଁ ଏବଂ ଲୋକମାନଙ୍କ ସହିତ ସନ୍ଧି କରିନିଅନ୍ତୁ । ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ଏହି ସବୁ ଆଶଙ୍କା ତଥା ଭୟକୁ ଖାତିର୍ ନ କରି ଉତର ଦେଲେ ହେ ସାହାବାମାନେ ! କଣ ତୁମେମାନେ ମତେ ସେହି କଥାକୁ ଗ୍ରହଣ କରିବାକୁ କହୁଛ ଯେଉଁ କଥା ଅଲ୍ଲାଃ ଓ ତାଙ୍କ ବାର୍ତାବହଙ୍କ ବିରୁଦ୍ଧିୟ ଅଟେ ? ଜକାତ୍‌ର ଆଦେଶ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହଙ୍କ ତରଫରୁ ଧାର୍ଯ୍ୟ କରାଯାଇଅଛି । (ଏହା ମୋ ପକ୍ଷରୁ ନୁହେଁ) । ତେଣୁ ମୋର ଏହି କର୍ତବ୍ୟ ଯେ ମୁଁ ଅଲ୍ଲାଃ ଓ ତାଙ୍କ ବାର୍ତାବହଙ୍କ ଆଦେଶ ପାଳନ ସକାଶେ ଯଥା ସମ୍ଭବ ଉଦ୍ୟମ କରିବି । ସାହାବାମାନେ କହିଲେ, ହେ ଅମିରୁଲ୍ ମୁମିନିନ୍ ! କିନ୍ତୁ ଏବେ ତ ପରିସ୍ଥିତି ଏହାର ବିପରୀତ ରହିଛି । ତେଣୁ ଏପରି ପରିସ୍ଥିତି ଏହା ଆବଶ୍ୟକ କରୁଛି ଯେ ବର୍ତମାନ ପାଇଁ ସେମାନଙ୍କ ସହିତ ସନ୍ଧି କରିନେବା ଶ୍ରେୟସ୍କର ହେବ । ହଜରତ ଅବୁ ବକର୍ ର:ଅ କହିଲେ ଆପଣମାନେ ଯଦି ଲଢ଼ିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ଅଥବା ଶତ୍ରୁର ମୁକାବିଲା ପାଇଁ ସକ୍ଷମ ନୁହନ୍ତି ତେବେ ଆପଣମାନେ ଚାଲି ଯାଆନ୍ତୁ ଏବଂ ଘରେ ଯାଇ ବସି ପଡ଼ନ୍ତୁ କିନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ଏହି ଲୋକମାନେ ଓଟର ଆଣ୍ଠୁରେ ବନ୍ଧା ଯାଉଥିବା ଦଉଡ଼ିକୁ ଯାହାକୁ ସେମାନେ ଜକାତ ଆକାରରେ ଦେବାର ଥିଲା, ତାହାକୁ ମୁଁ ସେମାନଙ୍କଠାରୁ ହାସଲ ନ କରିବା ପର୍ଯ୍ୟନ୍ତ ମୁଁ ସେମାନଙ୍କ ସହିତ ଲଢ଼ିବି ଏବଂ କଦାପି ସେମାନଙ୍କ ସହିତ ସନ୍ଧି କରିବି ନାହିଁ" । ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ଅତଏବ ବିଶ୍ୱାସର ଏହା ହିଁ ଲକ୍ଷଣ ଏବଂ ଏହାକୁ ହିଁ ଅନ୍ୟ ଅର୍ଥରେ ବିଶ୍ୱାସ ବୋଲି କୁହାଯାଏ । *(ହମାରେ ଜିମ୍ମା ତମାମ୍ ଦୁନ୍‌ୟାକୁ ଫତହ୍ କର୍ ନେ କା କାମ୍ ହୈ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୪୫୮)*

ସୁତରାଂ ଆମମାନଙ୍କ ମଧ୍ୟରେ ଯଦି ଏଭଳି ବିଶ୍ୱାସ ରୁପକ ମନୋଭାବ ଉଦ୍ରେଗ ହୋଇଯାଏ ତେବେ ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପ୍ରଚାର କରି ଇନ୍‌ଶାଅଲ୍ଲାଃ ତହିଁରେ ନିଶ୍ଚିତ ରୂପେ ସଫଳ ହେବା ।

ହଜରତ ମୁସ୍‌ଲେହ ମଉଦ ର:ଅ ଅନ୍ୟ ଏକ ସ୍ଥାନରେ କୁହନ୍ତି: ହଜୁର ସ:ଆ:ସଙ୍କ

ବିୟୋଗ ପରେ ଆରବର ସମ୍ପ୍ରଦାୟରେ ବିଦ୍ରୋହର ଲହରୀ ଖେଳି ଯାଇଥିଲା । ଲୋକମାନେ ଜକାତ୍ ଦେବାକୁ ଅସ୍ୱୀକାର କରିଦେଲେ । ସେମାନେ ମଧ୍ୟ ଏହା କହୁଥିଲେ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତିକୁ ଜକାତ୍ ଆଦାୟ କରିବାପାଇଁ ଆଦେଶ ଦେଇନାହାନ୍ତି ସୁତରାଂ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ସମ୍ବୋଧିତ କରି କୁହନ୍ତି: ହେ ମୁହମ୍ମଦ ! ତୁମ୍ଭେ ସେମାନଙ୍କ ଧନ ସମ୍ପତିର ସ୍ୱଳ୍ପ ଅଂଶ ଜକାତ୍ ଆକାରରେ ନିଅ । ଏକଥା କେଉଁଠି ଲେଖାନାହିଁ ଯେ ଅନ୍ୟ କୌଣସି ବ୍ୟକ୍ତିକୁ ହଜୁର ସ:ଆ:ସଙ୍କ ପରେ ଜକାତ୍ ନେବାର ଅଧିକାର ପ୍ରାପ୍ତ ହୋଇଛି । କିନ୍ତୁ ମୁସଲମାନମାନେ ବିଦ୍ରୋହୀମାନଙ୍କର ସେହି କଥାକୁ ଗ୍ରହଣ କଲେନାହିଁ । ଅତଏବ ଉପରୋକ୍ତ ଆୟତରେ ବିଶେଷ କରି ଯଦିଓ ଆଁ ହଜରତ ସ:ଆ:ସଙ୍କୁ ହିଁ ସମ୍ବୋଧିତ କରାଯାଇଛି । ସେ ଯାହା ହେଉ ନା କାହିଁକି ଯେଉଁ ଲୋକମାନେ ସେତେବେଳେ ସ୍ୱଧର୍ମରୁ ଓହରି ଯାଇଥିଲେ ସେମାନଙ୍କର ବଳିଷ୍ଠ ଯୁକ୍ତି ଏହା ଥିଲା ଯେ, ଜକାତ୍ ନେବାର ଅଧିକାର କେବଳ ହଜୁର ସ:ଆ:ସଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟ କାହାରିକୁ ନୁହେଁ । କିନ୍ତୁ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ଏପରି ଭାବିବା ସମ୍ପୁର୍ଣ୍ଣ ରୂପେ ଭୁଲ । ପ୍ରକୃତ ବାସ୍ତବତା ଏହା ହିଁ ଯେ ହଜୁର ସ:ଆ:ସଙ୍କ ବିୟୋଗ ପରେ ଯେଉଁ ଭଳି ଭାବରେ ନମାଜ ରୋଜା ଆଦି ଆଦେଶାବଳୀର ପରିସମାପ୍ତି ଘଟିନାହିଁ ଠିକ୍ ସେହିଭଳି ଜାତି କିମ୍ବା ଦେଶ ସମ୍ବନ୍ଧିୟ ଆଦେଶାବଳୀ ଯାହାକି ଲୋକମାନଙ୍କ ସର୍ବାଙ୍ଗୀନ ଉନ୍ନତି ସକାଶେ ଉଦ୍ଦିଷ୍ଟ ତାହା ହଜୁର ସ:ଆ:ସଙ୍କ ବିୟୋଗ ପରେ ଶେଷ ହୋଇନାହିଁ । ତେଣୁ ହଜୁର ସ:ଆ:ସଙ୍କ ପରେ ତାଙ୍କ ପ୍ରତିନିଧିଙ୍କ ଉପରେ ଏହି କର୍ତବ୍ୟ ନ୍ୟସ୍ତ କରାଯାଇଥାଏ ଯେ, ସେ ଏ ସବୁ ଆଦେଶକୁ ପ୍ରଣୟନ କରନ୍ତୁ ଏବଂ ଲୋକମାନଙ୍କୁ ଏହି ଆଦେଶାବଳୀ ଉପରେ ପରିଚାଳିତ କରାନ୍ତୁ । *(ଖିଲାଫତେ ରାଶଦାଃ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୫, ପୃ-୩୦,୩୧)*

ହଜୁର ସ:ଆ:ସଙ୍କର ଯେତେବେଳେ ଅକାଳ ବିୟୋଗ ଘଟିଲା ଏବଂ ହଜରତ ଅବୁ ବକର୍ ର:ଅ ଖଲିଫା ରୂପେ ମୃତୟନ ହେଲେ ସେତେବେଳେ ସମଗ୍ର ଆରବ ସ୍ୱଧର୍ମରୁ ଓହରି ଯାଇଥିଲେ କେବଳ ମକ୍କା ଓ ମଦିନା ତଥା ଏକ କ୍ଷୁଦ୍ରପ୍ରାନ୍ତକୁ ଛାଡ଼ଇଦେଲେ ବାକି ସମସ୍ତ ଲୋକମାନେ ଜକାତ୍ ଦେବାପାଇଁ ଅସ୍ୱୀକାର କରିଦେଲେ ଏବଂ କହିଲେ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ କହିଥିଲେ **ଖୁଜ୍ ମିନ୍ ଅମ୍ୱାଲିହିମ୍ ସଦକତନ୍** ଅର୍ଥାତ ସେମାନଙ୍କ ଧନରୁ ସଦ୍‌କାଃ ଗ୍ରହଣ କର । ଅନ୍ୟ କୌଣସି ବ୍ୟକ୍ତିକୁ ଏହି ଆଦେଶ ପ୍ରଦାନ କରାଯାଇନାହିଁ ଯେ ସେ ଆମମାନଙ୍କଠାରୁ ଜକାତ୍ ଆଦାୟ କରିବେ । ସୁତରାଂ ସମଗ୍ର ଆରବ ବାସୀ ସ୍ୱଧର୍ମରୁ ଓହରି ଗଲେ ଏବଂ ଯୁଦ୍ଧ ପାଇଁ ଆରବମାନେ ଅଂଟା ଭିଡ଼ିଲେ । ଯଦିଓ ହଜୁର ସ:ଆ:ସଙ୍କ ସମୟରେ ଇସ୍‌ଲାମ୍ ଧର୍ମ ଦୁର୍ବଳ ଥିଲା କିନ୍ତୁ ଆରବର କବିଲାଗୁଡ଼ିକ ଭିନ୍ନ ଭିନ୍ନ ଉପାୟରେ ଆକ୍ରମଣ କରୁଥିଲେ । କେତେବେଳେ ଗୋଟିଏ ଗୋଷ୍ଠୀ ଆକ୍ରମଣ କରିଦେଉଥିଲା ତ କେତେବେଳେ ଆଉ ଗୋଟିଏ ଗୋଷ୍ଠୀ ସୁତରାଂ ଯେତେବେଳେ ଏହ୍‌ଜାବ୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀମାନଙ୍କର ସୈନ୍ୟଦଳ ମିଳିତ ଓ ସାମୂହିକ ଭାବରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ଇସ୍‌ଲାମ୍ ଧର୍ମ କିଛିଟା ଶକ୍ତି ଗୋଟାଇ ସାରିଥିଲା କିନ୍ତୁ ଏଯାବତ୍ ଯଦିଓ ଏତେଟା ଶକ୍ତି ପ୍ରାପ୍ତ କରିନଥିଲା ଯେ, ଆଗାମି ଭବିଷ୍ୟତ ପାଇଁ କୌଣସି ଆକ୍ରମଣର ଆଶଙ୍କାକୁ ଆଡ଼େଇ ଦିଆଯାଇଥାନ୍ତା । ଏହା ପରେ ହଜୁର ସ:ଆ:ସ ଯେତେବେଳେ ମକ୍କା ବିଜୟ କରିବାକୁ ଗଲେ ସେତେବେଳେ ଆରବର କେତେକ କବିଲା ମଧ୍ୟ ହଜୁର ସ:ଆ:ସଙ୍କ ସମର୍ଥନରେ ଛିଡ଼ା ହୋଇଯାଇଥିଲେ ଏପରି କ୍ରମନ୍ୱୟ ଭାବରେ ଅଲ୍ଲାଃ ତାଲା ଶତ୍ରୁମାନଙ୍କର ହୃଦୟରେ ମୁସଲମାନମାନଙ୍କର ପ୍ରକୋପ ସୃଷ୍ଟି କରିଦେଇଥିଲେ ଏବଂ ମୁସଲମାନମାନଙ୍କର ଶକ୍ତି ଓ ସାମର୍ଥ୍ୟର କାୟା ସେମାନଙ୍କ ଉପରେ ବିସ୍ତାର ଲାଭ କରିଥିଲା କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ କାଳରେ ମକ୍କା ଓ ମଦିନାର ଏକ କ୍ଷୁଦ୍ର ପ୍ରାନ୍ତକୁ ଛାଡ଼ି ସମଗ୍ର ଆରବରେ ସହସା ଲୋକମାନେ ସ୍ୱଧର୍ମରୁ ଓହରି ଗଲେ ଏବଂ ଜକାତ୍ ଦେବାକୁ ଅସ୍ୱୀକାର କରିଦେଲେ ସୈନ୍ୟଦଳ ହଜରତ ଅବୁ ବକର୍ ର:ଅଙ୍କ ମୁକାବିଲା ପାଇଁ ତତ୍ପର ହୋଇ ଉଠିଲେ । କେତେକ ସ୍ଥାନରେ ତ ସେମାନଙ୍କ ନିକଟରେ ଏକଲକ୍ଷ ସୈନ୍ୟମାନେ ମୁକାବିଲା ପାଇଁ ରହିଥିଲେ କିନ୍ତୁ ଅପରପକ୍ଷରେ ମୁସଲମାନମାନଙ୍କ ନିକଟରେ ମାତ୍ର ଦଶ ହଜାର ସୈନ୍ୟ ଥିଲା । ଉସାମା ବିନ୍ ଜୈଦ୍ ର:ଅଙ୍କୁ ସେହି ଦଶ ହଜାର ସୈନ୍ୟଦଳର ସେନାପତି ରୂପେ ନିଯୁକ୍ତ କରାଯାଇଥିଲା ଅନ୍ୟ ଯେଉଁ ଲୋକମାନେ ବାକି ରହିଯାଇଥିଲେ ସେମାନେ ସମ୍ଭବତଃ ଦୁର୍ବଳ ଓ ବୃଦ୍ଧ ବ୍ୟକ୍ତି ତଥା ହାତଗଣତିର କେତେକ ଯୁବକ ବାକି ରହିଯାଇଥିଲେ । ସୁତରାଂ ସାହାବାମାନେ ଏହି ସବୁ ପରିସ୍ଥିତିକୁ ପରିଲକ୍ଷିତ କରି ହଜରତ ଉସାମା ର:ଅଙ୍କ ସୈନ୍ୟଦଳକୁ ଯୁଦ୍ଧ ଭୂମିକୁ ପ୍ରସ୍ଥାନ କରିବାପାଇଁ ରୋକି ଦେବାକୁ ହଜରତ ଅବୁ ବକର୍ ର:ଅଙ୍କୁ ନିବେଦନ କରିଥିଲେ ଯେ ମଦିନାର ସୁରକ୍ଷା ଦୃଷ୍ଟିକୋଣରୁ ଏହି ସୈନ୍ୟଦଳର ମଦିନାରେ ରହିଯିବାଟା ଉତମ ହେବ । ସୁତରାଂ ବୈୟଜ୍ୟୋଷ୍ଠ ସାହାବାମାନଙ୍କର ଏକ ପ୍ରତିନିଧି ଦଳ ହଜରତ ଅବୁ ବକର୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇଥିଲା ଏବଂ ନିବେଦନ କରିଥିଲେ ଯେ, କିଛି ଦିନ ପାଇଁ ଏହି ସୈନ୍ୟଦଳକୁ ମଦିନାରେ ଅଟକାଇ ରଖନ୍ତୁ । ଆଉ ଯେତେବେଳେ ଏହି ବିଦ୍ରୋହ ଦୂରିଭୂତ ହୋଇଯିବ ସେତେବେଳେ ନିଃସନ୍ଦେହ ରୂପେ ଆପଣ ଉକ୍ତ ସୈନ୍ୟଦଳକୁ ପ୍ରେରଣ କରିଦେବେ । କିନ୍ତୁ ହଜରତ ଅବୁ ବକର୍ ର:ଅ କ୍ରୋଧିତ ଓ ଅତିଷ୍ଠ ଭାବ ପ୍ରକାଶ କରି କହିଥିଲେ ଯେ, ହେ ସାହାବାମାନେ ! କଣ ତୁମେମାନେ ଏହା ଚାହୁଁଛ ଯେ ହଜୁର ସ:ଆ:ସଙ୍କ ବିୟୋଗ ପରେ ଅବୁ କାହାଫାର ପୁତ୍ର ପ୍ରଥମ କାର୍ଯ୍ୟ ଏହା କରୁ ଯେ ଯେଉଁ ସୈନ୍ୟଦଳକୁ ହଜୁର ସ:ଆ:ସ ପ୍ରସ୍ଥାନ କରିବାର ଆଦେଶ ଦେଇଥିଲେ ମୁଁ ତାହାକୁ ରୋକି ଦେବି ସେହି ଆଦେଶକୁ ରଦ୍ଦ କରିବି ବା ସ୍ଥଗିତ କରିବି ? ସେ ଯାହା ହେଉ ନା କାହିଁକି ଏହି ସୈନ୍ୟଦଳଟି ଅବଶ୍ୟ ପ୍ରସ୍ଥାନ କରିବ ଏବଂ ନିଜ ଲକ୍ଷ୍ୟ ସ୍ଥଳକୁ ଯିବ । ଯଦି ତୁମେମାନେ ଶତ୍ରୁମାନଙ୍କ ସୈନ୍ୟଦଳକୁ ଦେଖି ଭୟଭୀତ ହେଉଛ ତେବେ ନିଃସନ୍ଦେହ ରୂପେ ତୁମେମାନେ ମୋର ସଙ୍ଗତକୁ ଛାଡ଼ି ଦେଇପାର ମୁଁ ଏକାକୀ ହିଁ ସମଗ୍ର ଶତ୍ରୁମାନଙ୍କର ମୁକାବିଲା କରିବି । ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ଏହା ହେଉଛି **ୟାବୁଦୁନନୀ ଲାୟୁଶ୍‌ରିକୁନା ବିଶୈୟା**ର ବଳିଷ୍ଠ ପ୍ରମାଣ ଅର୍ଥାତ ବିଶ୍ୱାସକାରୀମାନେ ମୋର ଉପାସନା କରିବେ ଏବଂ ମୋ ସହିତ ଅନ୍ୟ କାହାରିକୁ ସମତୂଲ୍ୟ କରିବେନାହିଁ ଅତଏବ ଏହା ହିଁ ହେଉଛି ସେହି ଅବସ୍ଥା ଯାହା ଖିଲାଫତ୍ ବ୍ୟବସ୍ଥା ସହିତ ଅଭ୍ୟାହତ ରହିଛି ଏବଂ ଆଗାମୀରେ ମଧ୍ୟ ଅଭ୍ୟାହତ ରହିଥିବ ଇନ୍‌ଶାଅଲ୍ଲାଃ ତାଲା ।

ପୁଣି ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ ଦ୍ୱିତୀୟ ପ୍ରଶ୍ନ ଜକାତ୍‌ର ଥିଲା । ସାହାବାମାନେ କହିଲେ ହେ ହଜରତ ଅବୁ ବକର୍ ର:ଅ ! ଆପଣ ଯଦି ସୈନ୍ୟଦଳକୁ ରୋକି ପାରିବେ ନାହିଁ ତେବେ କେବଳ ଏତିକି କରନ୍ତୁ ଯେ, ସେହି ଲୋକମାନଙ୍କ ସହିତ ସାମୟିକ ସନ୍ଧି ସ୍ଥାପନ କରିନିଅନ୍ତୁ ଓ ସେମାନଙ୍କୁ କହିଦିଅନ୍ତୁ ଯେ, ଆମେମାନେ ଚଳିତ ବର୍ଷ ତୁମମାନଙ୍କଠାରୁ ଜକାତ୍ ନେବୁ ନାହିଁ ଫଳତଃ ଉକ୍ତ ଅବଧି ମଧ୍ୟରେ ସେମାନଙ୍କର ଏପରି ଯୋଶ୍ କ୍ରମଶଃ ଶିଥିଳ ପଡ଼ିଯିବ ଏବଂ ସେମାନେ ଯେଉଁ ବିରୋଧି ପୂର୍ଣ୍ଣ ମାର୍ଗକୁ ଆପଣେଇଛନ୍ତି, ତାହାର ପରିସମାପ୍ତି ଘଟିବ । କିନ୍ତୁ ହଜରତ ଅବୁ ବକର୍ ର:ଅ କହିଲେ ଏପରି କଦାପି ହେବନାହିଁ । ଏକଥା ହଜରତ ଅବୁ ବକର୍ ର:ଅ ମଧ୍ୟ ଗ୍ରହଣ କଲେ ନାହିଁ । ଫଳତଃ ସାହାବାମାନେ କହିଲେ, ଯଦି ଉସାମା ର:ଅଙ୍କ ସୈନ୍ୟଦଳ ଚାଲିଯାଏ ଏବଂ ଶତ୍ରୁମାନଙ୍କ ସହିତ ସାମୟିକ ସନ୍ଧି ନ କରାଯାଏ ତେବେ ଆମେମାନେ କିଭଳି ଶତ୍ରୁର ମୁକାବିଲା କରିବା ? ମଦିନାରେ ତ କେବଳ ହାତ ଗଣତି ବୃଦ୍ଧ ବ୍ୟକ୍ତି ଓ ଦୁର୍ବଳ ଶ୍ରେଣୀ ରହିଯାଇଛନ୍ତି ସେମାନେ କିଭଳି ଶତ୍ରୁର ମୁକାବିଲା କରିବେ ? ଏଥିରେ ହଜରତ ଅବୁ ବକର୍ ର:ଅ ଉତର ଦେଲେ ହେ ବନ୍ଧୁମାନେ ! ଯଦି ତୁମେମାନେ ସେମାନଙ୍କର ମୁକାବିଲା କରିପାରିବ ନାହିଁ ତେବେ ମୋଠାରୁ ଅଲଗା ହୋଇଯାଅ ମୁଁ ଏକାକୀ ହିଁ ସେମାନଙ୍କର ମୁକାବିଲା କରିବି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ଏହା ହେଉଛି ସେହି ବ୍ୟକ୍ତିର ଦାବି ଯାହାଙ୍କୁ ଯୁଦ୍ଧ କଳା ସଂକ୍ରାନ୍ତରେ କୌଣସି ବିଶେଷ ଜ୍ଞାନ ନଥିଲା ଓ ଯାହାଙ୍କ ସମ୍ପର୍କରେ ଏହି ମତପୋଷଣ କରାଯାଏ ଯେ ତାଙ୍କର ହୃଦୟ ଅତ୍ୟନ୍ତ ଦୁର୍ବଳ ଥିଲା । ପୁଣି ହଜରତ ଅବୁ ବକର୍ ର:ଅଙ୍କଠାରେ ଏହିଭଳି ସାହାସିକତା ଓ ଆତ୍ମ ବିଶ୍ୱାସର ଶକ୍ତି କେଜାଣି କୁଆଡ଼ୁ ଆସିଗଲା । ସୁତରାଂ ତାଙ୍କଠାରେ ଏହି ବିଶ୍ୱାସ ଏହି କଥାରୁ ହିଁ ଜାତ ହେଲା ଯେ, ଖିଲାଫତ ଆସନରେ ଅଲ୍ଲାଃ ତାଲା ହିଁ ମତେ ବିରାଜମାନ କରିଛନ୍ତି ଏବଂ ସେ ହିଁ ସକଳ କାର୍ଯ୍ୟ ମୋ ଉପରେ ନ୍ୟସ୍ତ କରିଛନ୍ତି ତେବେ ଯଦି ସେ ଏ ସମସ୍ତ ଦାୟିତ୍ୱ ମୋତେ ପ୍ରଦାନ କରିଛନ୍ତି ତେବେ ଏହାକୁ ବହନ କରିବାର ସାମର୍ଥ୍ୟ ମଧ୍ୟ ସେ ହିଁ ମତେ ପ୍ରଦାନ କରିବେ ।

ଅତଏବ ମୋର ଏହି କର୍ତବ୍ୟ ରହିଛି ଯେ ମୁଁ ମୁକାବିଲା ପାଇଁ ବାହାରି ପଡ଼ିବି । ସଫଳତା ପ୍ରଦାନ କରିବା ଅବା ନ କରିବା ଅଲ୍ଲାଃ ତାଲାଙ୍କ ହାତରେ ରହିଛି ତେଣୁ ଅଲ୍ଲାଃ ତାଲା ଯଦି ସଫଳତା ପ୍ରଦାନ କରିବାକୁ ଚାହିଁବେ ତେବେ ଆପଣାଛାଏଁ ପ୍ରଦାନ କରିଦେବେ ଯଦି ସଫଳତା ପ୍ରଦାନ କରିବାକୁ ନ ଚାହାନ୍ତି ତେବେ ସମଗ୍ର ସୈନ୍ୟଦଳ ମିଶିଗଲେ ମଧ୍ୟ ବିଜୟ ପ୍ରାପ୍ତ କରିବା ସମ୍ଭବ ନୁହେଁ । *(ଖିଲାଫତେ ରାଶଦାଃ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୫, ପୃ-୫୪୩-୫୪୫ ମୁଦ୍ରିତ କାଦିଆନ୍ ୨୦୦୮)*

ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ନିଷ୍ପତି ଦ୍ୱାରା କିଭଳି ଫଳାଫଳ ଯାତ ହୋଇଥିଲା । ତତ୍‌ସଂକ୍ରାନ୍ତରେ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ହଜରତ ଅବୁ ବକର୍ ର:ଅ ସାହାବାଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ହଜରତ ଉସାମା ର:ଅଙ୍କୁ ମୌତା ଆଡ଼କୁ ପ୍ରେରଣ କରିଦେବା (ଅର୍ଥାତ ହଜୁର ସ:ଆ:ସ ତାଙ୍କୁ ଯେଉଁ ଆଦେଶ ଦେଇଥିଲେ, ସେଠାକୁ ପ୍ରେରଣ କରିଦେବା ଏକ ବିସ୍ମୟକର ସୂଚନା ଥିଲା) ସୁତରାଂ ୪୦ ଦିନ ପରେ ଏହି ଅଭିଯାନ ଶେଷ ହେଲା (ଅର୍ଥାତ ହଜରତ ଉସାମା ର:ଅଙ୍କର) ଏବଂ ସେ ବିଜୟ ମଣ୍ଡିତ ହୋଇ ମଦିନାକୁ ପ୍ରତ୍ୟାବର୍ତନ କରିଥିଲେ । ଅଲ୍ଲାଃ ତାଲାଙ୍କର ସାହାଯ୍ୟ ଓ ସମର୍ଥନକୁ ସମସ୍ତେ ସ୍ୱଚକ୍ଷୁରେ ଅବଲୋକନ କରିନେଇଥିଲେ । ପୁନଶ୍ଚ ଉକ୍ତ ଅଭିଯାନ ପରେ ହଜରତ ଅବୁ ବକର୍ ର:ଅ ମିଥ୍ୟା ଅବତାରତ୍ୱର ଦାବି କରିଥିବା ଉପଦ୍ରବୀଙ୍କୁ ଏଭଳି ଭାବରେ ପ୍ରତିହାତ କଲେ ଯେପରି ପାଦ ତଳେ ଦଳି ଚକଟି ଦିଆଯାଇଥାଏ ଏବଂ ସେ ସମସ୍ତ ଉପଦ୍ରବକୁ ମୂଳୋତ୍ପାଟନ କରିଦେଲେ ପୁଣି ତା’ପରେ ଏହିପରି ଅବସ୍ଥା ସେହି ମୁରତଦମାନଙ୍କର (ଅର୍ଥାତ ଧର୍ମକୁ ଛାଡ଼ି ଚାଲିଯାଇଥିବା ଲୋକମାନଙ୍କର) ହେଲା । ବଡ଼ ବଡ଼ ସାହାବାମାନେ ମଧ୍ୟ ହଜରତ ଅବୁ ବକର୍ ର:ଅଙ୍କ ସହିତ ଏହି ମତପାର୍ଥକ୍ୟ ରଖି ଏ ସବୁ ପ୍ରସଙ୍ଗରେ କହୁଥିଲେ ଯେ ଯେଉଁ ବ୍ୟକ୍ତିମାନେ ଏକେଶ୍ୱରବାଦକୁ ଏବଂ ଅବତାରତ୍ୱର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି କିନ୍ତୁ କେବଳ ଜକାତ୍ ଦେବାକୁ ଅସ୍ୱୀକାର କରୁଛନ୍ତି ସେମାନଙ୍କ ଉପରେ କୌଣସି ମତେ ତରବାରୀ ଉତୋଳନ କରା ନଯାଉ କିନ୍ତୁ ହଜରତ ଅବୁ ବକର୍ ର:ଅ ଅତ୍ୟନ୍ତ ସାହାସିକତା ଓ ବିରତ୍ୱର ସହିତ ଏହାର ମୁକାବିଲା କରିଥିଲେ ଏବଂ କହିଲେ ଯେ ଯଦି ଏମାନଙ୍କୁ ଆଜି ଜକାତ ନ ଦେବା ପାଇଁ ଅନୁମତି ମିଳିଯାଏ ତା’ହେଲେ ଜକାତ୍ ନ ଦେବାକୁ କହୁଥିବା ଲୋକମାନେ ଧିରେ ଧିରେ ନମାଜକୁ ମଧ୍ୟ ପରିତ୍ୟାଗ କରିଦେବେ (ଅର୍ଥାତ ଯଦି ମୁଁ ଏମାନଙ୍କୁ ଜକାତ୍ ନ ଦେବାକୁ ଅନୁମତି ପ୍ରଦାନ କରିଦିଏ ତେବେ ଧିରେ ଧିରେ ଏମାନେ ନମାଜ ପାଠ କରିବାକୁ ମଧ୍ୟ ପରିତ୍ୟାଗ କରିଦେବେ) । ଇସ୍‌ଲାମ୍ ଧର୍ମ କେବଳ ନାମକୁ ମାତ୍ର ରହିଯିବ । ଅତଏବ ହଜରତ ଅବୁ ବକର୍ ର:ଅ ଏହିଭଳି ଘଡ଼ିସନ୍ଧି ମୂହୁର୍ତରେ ଜକାତ୍ ପଇଠ ନ କରିବାକୁ କହୁଥିବା ଲୋକମାନଙ୍କର ମୁକାବିଲା କରିଥିଲେ ଯାହାର ଫଳାଫଳ ଏହା ହିଁ ହୋଇଥିଲା ଯେ ଆପଣ ର:ଅଙ୍କୁ ଉକ୍ତ କ୍ଷେତ୍ରରେ ସଫଳତା ପ୍ରାପ୍ତ

ହୋଇଥିଲା ଏବଂ ପଥଭ୍ରଷ୍ଟ ହୋଇଯାଇଥିବା ସମସ୍ତ ଲୋକମାନେ ସତ୍‌ପଥକୁ ଫେରି ଆସିଥିଲେ । *(ତଫ୍‌ସୀର୍ କବୀର୍, ଖଣ୍ଡ-୧୦, ପୃ-୪୭୮)*

ହଜରତ ଅବୁ ବକର୍ ର:ଅ ସମ୍ପର୍କୀତ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଚର୍ଚ୍ଚା କରିବି ।

ଆଜିକାଲି ସାମ୍ପ୍ରତିକ ଦିନରେ ଯେଉଁ ଭଳି ପରିସ୍ଥିତି ଉପୁଜିଛି ବିଶ୍ୱରେ ଯୁଦ୍ଧର ସୂତ୍ରପାତ ହୋଇଛି ସେଥିପାଇଁ ମୁଁ ଆପଣମାନଙ୍କୁ ଦୁଆ କରିବା ପାଇଁ ଆହ୍ୱାନ ଜଣାଉଛି ତେଣୁ ଆପଣମାନେ ବିଷେଶ ରୂପେ ଦୁଆ କରନ୍ତୁ ଯେ ଏ ପୃଥିବୀ ବାସୀ ନିଜ ସୃଷ୍ଟି କର୍ତାଙ୍କୁ ଚିହ୍ନନ୍ତୁ । ଏହା ହିଁ ଏ ସଙ୍କଟର ସମାଧାନ ଓ ଏହା ହିଁ ସଂସାରବାସୀଙ୍କୁ ବିପତି ମୂଖରୁ ଉଦ୍ଧାର କରିପାରିବ । ଅଲ୍ଲାଃ ତାଲା ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ଆମମାନଙ୍କ ଦୁଆକୁ ସ୍ୱୀକାର କରନ୍ତୁ । **କ୍ରମଶଃ**

⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ନିୟୋଜିତ କରିଥିଲେ । ସୁତରାଂ ଯେଉଁ ମାଜିଷ୍ଟ୍ରେଟ୍ ଏ ଉଦ୍ଦେଶ୍ୟନେଇ ଆସିଥିଲା ଯେ ଏହି ମୁଦେଇ ନବୁଓ୍ୱତ୍ ଯିଏ ମେହେଦୀ ତଥା ମସିହ୍ ହେବାର ଦାବି କରୁଅଛି , ତାକୁ ଏପର୍ଯ୍ୟନ୍ତ କେହି ଦଣ୍ଡ କାହିଁକି ଦେଇନାହାନ୍ତି ? ମୁଁ ତାକୁ ଦଣ୍ଡ ଦେବି । କିନ୍ତୁ ଯେବେ ମୋକଦ୍ଦମା ଚାଲିଲା, ସେହି ମାଜିଷ୍ଟ୍ରେଟ୍ କହିଲା ଯେ ମୋ ନିକଟରେ ଏହି ମୋକଦ୍ଦମା ହେଉଛି ମିଥ୍ୟା ମୋକଦ୍ଦମା । ସେ ବାରମ୍ବାର ଏହି କଥାକୁ କହିଲେ ଓ ପରିଶେଷରେ ସେହି ଲୋକଟିକୁ ଇସାଇମାନଙ୍କଠାରୁ ଅଲଗା କରି ପୋଲିସ ଅଫିସର୍ ଙ୍କ ଜିମାରେ,ଦାୟିତ୍ୱରେ ରଖାଗଲା । ସୁତରାଂ ସେହି ଲୋକଜଣକ କାନ୍ଦିପକାଇଲା ଏବଂ ସେ ବତାଇଦେଲା ଯେ ମତେ ଇସାଇମାନେ ଶିଖାଇଥିଲେ । ଅତେବ ଖୁଦାତାଲା ସେହି ମିଥ୍ୟାରୋପର ମୂଳୋତ୍ପାଟନ କରିଦେଲେ ।

ସେହିପରି ହଜରତ୍ ମୁସଲେହ୍ ମଉଦ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ଆମ ଜମାଅତର ଜଣେ ଜୋଶିଲା ମୁବଲ୍ଲିଗ୍ ଅଛନ୍ତି । ତାଙ୍କ ନାମ ହେଉଛି ମୌଲଓ୍ୱି ଉମରଦ୍ଦୀନ୍ ସାହେବ୍ ଶିମଲିଓ୍ୱି । ସେ ନିଜର ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି ଯେ ସେ ବି ଏହି ପ୍ରକାର ମାନକ କୁ ପରୀକ୍ଷା କରି ଅହେମଦିୟତ୍ ଗ୍ରହଣ କରିଛନ୍ତି । ସେ ଏହା ଶୁଣାଉଥିଲେ ଯେ ଶିମଲାରେ ମୌଲଓ୍ୱି ମୁହମ୍ମଦ୍ ହୁସୈନ୍ ଏବଂ ମୌଲଓ୍ୱି ଅବଦୁର୍ ରହମାନ୍ ସୟାହ୍ ତଥା ଆଉକିଛି ଲୋକ ପରାମର୍ଶ କରୁଥିଲେ ଯେ ଏବେ ମିର୍ଜା ସାହେବଙ୍କ ଖିଲାଫରେ କଣ ପ୍ଲାନ୍ କରିବାକୁ ପଡିବ । ମୌଲଓ୍ୱି ଅବଦୁର୍ ରହମାନ୍ ସୟାହ୍ ସାହେବ କହିଲେ ଯେ ମିର୍ଜା ସାହେବ ଘୋଷଣା କରିସାରିଛନ୍ତି ଯେ ମୁଁ ଏବେ ମୁବାହିସା କରିବି ନାହିଁ । ଆମେ ମୁବାହିସ କରିବା ପାଇଁ ଇସ୍ତେହାର ଦେଇଦେବା , ଯଦି ସେ ମୁକାବିଲା କରିବା ପାଇଁ ଛିଡା ହୋଇଯାଆନ୍ତି ତାହେଲେ ଆମେ କହିବା ଯେ ସେ ମିଛ କହିଛନ୍ତି । କାରଣ ସେ ପ୍ରଥମେ ତ ଇସ୍ତେହାର ଦେଇ କହିଥିଲେ ଯେ ଆମେ କାହା ସହିତ ମୁବାହିସା କରିବୁ ନାହିଁ । କିନ୍ତୁ ଦେଖ ଏବେ ମୁବାହିସା କରିବାକୁ ପ୍ରସ୍ତୁତ ହୋଇଗଲେ । ଯଦି ମୁବାହିସା କରିବାକୁ ରାଜି ନହୁଅନ୍ତି ତାହେଲେ ଆମେ ପାଟିତୁଣ୍ଡ କରି କୋଳାହଳ ମଚାଇଦେବା ଯେ ଦେଖ ମିର୍ଜା ସାହେବ୍ ହାରିଗଲେ । ଏଥିରେ ମୌଲଓ୍ୱି ଉମରଦ୍ଦୀନ୍ ସାହେବ୍ ଶିମଲିଓ୍ୱି କହିଲେ ଯେ ଏହାର ଆବଶ୍ୟକତା କଣ ଅଛି ? ମୁଁ ଯାଉଛି । ଯାଇ ତାଙ୍କୁ ହତ୍ୟା କରିଦେଉଛି । ସବୁ ସମସ୍ୟାର ସମାଧାନ ହୋଇଯିବ । ଏଥିରେ ମୌଲଓ୍ୱି ମୁହମ୍ମଦ୍ ହୁସୈନ୍ ସାହେବ୍ କହିଲେ ଯେ ହେ ବାଳକ ତୁମକୁ କଣ ଜଣା ଅଛି ! ଏ ସବୁ କାମ କରାସରିଛି । ଏଥିରେ ମୌଲଓ୍ୱି ଉମରଦ୍ଦୀନ୍ ସାହେବ୍ ଶିମଲିଓ୍ୱିଙ୍କ ମନରେ ଏକଥା ପଶିଗଲା ଯେ ଯାହାର ଖୁଦାତାଲା ଏତେ ମାତ୍ରାରେ ସୁରକ୍ଷା କରୁଛନ୍ତି ତାହେଲେ ସେ ଖୁଦାଙ୍କ ତରଫରୁ ଆସିଥିବେ ।

ଇଏ ତ ଥିଲେ ଯୁବକ । ତେଣୁ ସେ କହିଲେ ଯେ ଯଦି ଖୁଦାତାଲା ଏତେ ମାତ୍ରାରେ ସୁରକ୍ଷା କରୁଛନ୍ତି ଓ ଏତେ ମାତ୍ରାରେ ଯୋଜନା ତିଆରି କରିବା ସତ୍ୱେ ବି ସେ (ଅର୍ଥାତ ମିର୍ଜା ସହେବ୍) ବଂଚିଯାଉଛନ୍ତି ତାହାହେଲେ ସେ ଖୁଦାଙ୍କ ତରଫରୁ ଆସିଛନ୍ତି । ପୁଣି ସେ ବୟତ କରିନେଲେ, ଓ ଯେବେ ସେ ଫେରୁଥିଲେ ତାଙ୍କୁ ରସ୍ତାରେ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍ୱିଓ୍ୱି ଷ୍ଟେସନରେ ସାକ୍ଷାତ କଲେ । ପଚାରିଲେ ତୁ କୁଆଡେ ଯାଇଥିଲୁ ? ସେ କହିଲେ ଯେ ମୁଁ କାଦିଆନ୍ ଯାଇ ବୟତ କରିକି ଆସିଛି । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍ୱିଓ୍ୱି କହିଲେ ତୁ ବଡ ବଦମାସ୍ । ମୁଁ ତୋ ବାପାଙ୍କୁ ଲେଖିବି । ସେ ଉତର ଦେଇ କହିଲେ ମୌଲବୀ ସାହେବ୍ ଯାହା କିଛି ହୋଇଛି ତାହା ତ ଆପଣଙ୍କ ଜରିଆରେ ହିଁ ହୋଇଛି । ଅତେବ୍ ମୁଖାଲିଫ୍ (ବିରୋଧିମାନେ)ଅଲ୍ଲାଃତାଲାଙ୍କ ପ୍ରିୟଙ୍କୁ ମାରିବାକୁ ଚାହୁଁଛନ୍ତି କିନ୍ତୁ ତାଙ୍କୁ ବଂଚାଇଦିଆଯାଉଛି । ଖୁଦାତାଲା ନିଜର ତାଜା ଜ୍ଞାନ ଦେଇ ସାହାଯ୍ୟ କରିଥାଏ ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ମାନ ସମ୍ମାନ ଦେଇଥାଏ ।

(ଉଦ୍ଧୃତାଂଶ ମିଆରେ ସଦାକତ୍ ଅନଓ୍ୱାରୁଲ୍ ଉଲୁମ୍ ଖ-୬ ପୃ-୬୧-୬୨)

ସେହିପରି ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍ୱିଓ୍ୱି ସାହେବଙ୍କର ଏ ଦାବି ବି ଥିଲା ଯେ ମୁଁ ମିର୍ଜା ସାହେବଙ୍କୁ ଧ୍ୱଂସ କରିଦବି ।

“ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍ୱିଓ୍ୱି ଯିଏ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପିଲାଦିନର ସାଙ୍ଗ ଓ ବନ୍ଧୁ ଥିଲେ ଏବଂ ଆପଣ ଆ ସ ଙ୍କ ସହିତ ସୁସମ୍ପର୍କ ରଖିଥିଲେ, ଯିଏ ଆପଣ ଆ ସ ଙ୍କ ପ୍ରବନ୍ଧ ତଥା ନିବନ୍ଧଗୁଡିକର ସର୍ବଦା ବହୁତ ପ୍ରଶଂସା କରୁଥିଲେ । ସେହି ଦାବିପରେ ସେ ସଙ୍ଗେ ସଙ୍ଗେ ଏ ଘୋଷଣା କରିଦେଲେ” ହଜରତ୍ ମସିହ୍ ମଉଦ୍ ଆ ସ ଯେବେ ଦାବି କଲେ ସେ ସେତେବେଳେ ଘୋଷଣା କରିଦେଲେ“ଯେ ମୁଁ ହିଁ ଏହି ଲୋକ(ଅର୍ଥାତ ମିର୍ଜା ସାହେବ)ଙ୍କୁ ଉଠାଇଥିଲି ଓ ଏବେ ମୁଁ ହିଁ ତାକୁ ବରବାଦ୍ କରିଦେବି । ପୁଣି ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ବଂଶର ଲୋକମାନେ ଏ ଘୋଷଣା କରିଦେଲେ ବରଂ କେତେକ ଖବରକାଗଜରେ ଏ ଘୋଷଣା ଛପାଇଦେଲେ ଯେ ଏଇ ଲୋକଜଣକ ଦୋକାନଦାରୀ ଚଳେଇଛି । ଆ ଆଡକୁ କାହାର ଧ୍ୟାନ ରହିବା ଉଚିତ ନୁହେଁ । ଏହିପରି ସାରା ଦୁନିଆକୁ ସେମାନେ (ହଜରତ୍ ମସିହ୍ ମଉଦ୍ ଆ ସ)ଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବା ପାଇଁ ଚେଷ୍ଟା କଲେ ।” ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି ଯେ “ପୁଣି ମୁଁ ଏକଥା ଭଲଭାବରେ ଜାଣିଛି ଯେ ଅନେକ କାମ କରୁଥିବା ଲୋକେ, ଯେଉଁମାନେ ଜମିଦାରୀ ବ୍ୟବସ୍ଥାରେ କମିନ୍ ବୋଲାଇଥାନ୍ତି, ସେମାନେ ଆପଣ ଆ ସ ଙ୍କ ଘରେ କାମ କରିବା ପାଇଁ ମନାକରିଦେଲେ । ଏହାର କାରଣ ବାସ୍ତବିକ ଆମ କୁଟୁମ୍ବର ଲୋକମାନେ ହିଁ ଥିଲେ । ସୁତରାଂ ନିଜ ଓ ପର ସମସ୍ତେ ମିଳିମିଶି ଆପଣ ଆ ସ ଙ୍କୁ ନିଶ୍ଚିହ୍ନ କରିଦେବାକୁ ତଥା ବରବାଦ୍ କରିଦେବାକୁ ଚାହିଁଥିଲେ । କିନ୍ତୁ ଖୁଦାତାଲା ନିଜ ଭକ୍ତକୁ କହିଲେ “ଦୁନ୍‌ୟା ମେଁ ଏକ୍ ନବି ଆୟା ପର୍ ଦୁନ୍‌ୟା ଉସେ କୁବୁଲ୍ ନା କିୟା ଲେକିନ୍ ଖୁଦା ଉସେ କୁବୁଲ୍ କରେଗା ଅଓର୍ ବଡେ ଜୋର୍‌ଆଓ୍ୱର୍ ହମଲୋଁ ସେ ଉସ୍‌କି ସଚ୍ଚାଇ କୋ ଜାହିର୍ କର୍‌ଦେଗା ।”

ଜଣେ ଅସହାୟ ମଣିଷ କାଦିଆନ୍ ପରି ବସ୍ତିରେ , ଯେଉଁଠି ସପ୍ତାହରେ କେବଳ ଗୋଟିଏ ଥର ଡାକ ଆସୁଥିଲା । ଯେଉଁଠି ଗୋଟିଏ ପ୍ରାଇମେରି ସ୍କୁଲ୍ ବି ନଥିଲା ଓ ଯେଉଁଠି ଗୋଟିଏ ଟଙ୍କାର ଅଟା ମଧ୍ୟ ଲୋକମାନଙ୍କୁ ଉପଲବ୍ଧ ନଥିଲା ।(ସେଠାରେ ସେହି ଅସହାୟ ମଣିଷଟି) ଛିଡା ହେଉଛି ଓ ପୁଣି ସେ ମଣିଷ ବି ଏମିତେ ଯେ , ନା ତ ସେ ମୋଲବୀ ଓ ନା ସେ ବହୁତ ବଡ ଧନସମ୍ପତିର ମାଲିକ । (ଅବଶ୍ୟ ହଜରତ୍ ମସିହ୍ ମଉଦ୍ ଆ ସ ଗୋଟିଏ ଭଦ୍ର ପରିବାରର ଥିଲେ କିନ୍ତୁ ରାଜା ତଥା ନଓ୍ୱାବମାନଙ୍କ ପରି ବହୁତ ବଡ ଧନସମ୍ପତିର ମାଲିକ ନଥିଲେ ।) ସେ ଉଠି ଦୁନିଆ ସମନାରେ ଏ ଘୋଷଣା କରୁଅଛି “ଜଣେ ଲୋକ” ଏବଂ ପ୍ରଥମ ଦିନ ହିଁ କହୁଅଛି ଯେ ଖୁଦା ମୋ ନାମକୁ ଦୁନିଆର କୋଣଅନୁକୋଣରେ ପହଂଚାଇଦେବ । ଆଜି କିଏ ଏପରି ଅଛି ଯିଏ ଏହା କହିପାରିବ ଯେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ନାମ ଦୁନିଆର କୋଣଅନୁକୋଣରେ ପହଂଚି ନାହିଁ ।” ***(ଖୁତବାତେ ମେହମୁଦ୍ ଖ-୦୧ ପୃ-୩୨୪-୩୨୫)***

ଆଜି ତ ଆମେ ଦେଖୁଅଛୁ ଯେ ଦୁନିଆର କୌଣସି ଏପରି କୋଣ ନାହିଁ ଯେଉଁଠି ହଜରତ୍ ମସିହ୍ ମଉଦ୍ ଆ ସଙ୍କ ନାମ ପହଂଚି ନଥିବ । ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ “ମିଥ୍ୟାଚାରୀକୁ ଧ୍ୱଂସ କରିବା ପାଇଁ ତା ମିଥ୍ୟା ହିଁ ଯଥେଷ୍ଟ । କିନ୍ତୁ ଯେଉଁ କାମ ଅଲ୍ଲାଃତାଲାଙ୍କ ମହିମା ଏବଂ ତାହାଙ୍କ ରସୁଲଙ୍କ କଲ୍ୟାଣର ପ୍ରକାଶ ତଥା ପ୍ରମାଣ ପାଇଁ ଉଦ୍ଦିଷ୍ଟ ଥିବ ଏବଂ ସ୍ୱୟଂ ଈଶ୍ୱରଙ୍କ ହାତରେ ଲଗାଯାଇଥିବା ଚାରା ହୋଇଥିବ । ପୁଣି ତାହାର ସୁରକ୍ଷା ଖୁଦ ଫରିସ୍ତା କରିଥାନ୍ତି । କିଏ ଅଛି ଯିଏ ତାକୁ କ୍ଷତି ପହଁଚାଇପାରିବ ? ମନେ ରଖ ମୋ ସିଲ୍‌ସିଲା(ସମ୍ପ୍ରଦାୟ)ଯଦେ କେବଳ ଦୋକାନଦାରୀ ଅଟେ”ଯେମିତିକି ସେମାନେ କହୁଛନ୍ତି ଯେ ଏହା ଦୋକାନଦାରୀ ଅଟେ“ତାହେଲେ ଏହାର ଚିହ୍ନ ବର୍ଣ୍ଣ ରହିବ ନାହିଁ । କିନ୍ତୁ ଯଦି ଏହା ଖୁଦାତାଲାଙ୍କ ତରଫରୁ ହୋଇଥିବ ଏବଂ ନିଶ୍ଚିତ ରୂପେ ଏହା ତାହାଙ୍କ ତରଫରୁ ଆସିଛି । ତାହେଲେ ସାରାଦୁନିଆ ଏହାର ବିରୋଧ କରିଲେ ବି ଏହା ବଢିବ , ଫୁଲ ଓ ଫଳ ଧରିବ ଏବଂ ଫରିସ୍ତାମାନେ ଏହାର ସୁରକ୍ଷା କରିବେ ।” ଇନଶାଅଲ୍ଲାଃ “ଯଦି କେହି ଜଣେ ହେଲେବି ମୋତେ ସାହାଯ୍ୟ ନକରନ୍ତି ତାହେଲେ ମଧ୍ୟ ମୁଁ ବିଶ୍ୱାସ ରଖିଛି ଯେ ଏହି ସିଲସିଲା ସଫଳ ହେବ ।” ଇନଶାଅଲ୍ଲାଃ । ***(ମଲଫୁଜାତ୍ ଖ-୮ ପୃ-୧୪୮)***

ଅତେବ୍ ଅଲ୍ଲାଃତାଲା ଆମକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ଆମେ ଆପଣ ଆ ସ ଙ୍କ ବୟତର ହକ୍‌କୁ ସଠିକ୍ ଭାବରେ ପ୍ରଦାନ କରିପାରିବା ଓ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ବାର୍ତାକୁ ଦୁନିଆର କୋଣଅନୁକୋଣରେ ପହଁଚାଇ ଅଲ୍ଲାଃତାଲାଙ୍କ କୃପା ତଥା ପୁରସ୍କାରର ଉତରାଧିକାରୀ ହୋଇପାରିବା । ଆମେ ଅବିଶ୍ୱସ୍ତ ମାନଙ୍କ ମଧ୍ୟରେ ଗଣା ହେବାନାହିଁ ବରଂ ବିଶ୍ୱସ୍ତମାନଙ୍କ ମଧ୍ୟରେ ଗଣା ହେବା । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆଜି ମୁଁ ଗୋଟିଏ ଓ୍ୱେବସାଇଟ୍ ର ମଧ୍ୟ ଘୋଷଣା କରିବି । ଲଂଚ କରିବି । ଏହା ବି ଦୁନିଆର କୋଣଅନୁକୋଣରେ ତବଲିଗ୍ କରିବାର ତଥା ହଜରତ୍ ମସିହ୍ ମଉଦ୍ ଆ ସଙ୍କ ବାର୍ତାକୁ ଦୁନିଆର କୋଣଅନୁକୋଣରେ ପହଁଚାଇବାର ସାଧନ । ଏହା ହେଉଛି କୁରଦିଶ୍ ଭାଷାରେ ଜମାତି ଓ୍ୱେବସାଇଟ୍ । Islamahmadiyya.krd ଏହି ଓ୍ୱେବସାଇଟ୍ ର ନିରିକ୍ଷଣ ଡାଃ ଇସମାଇଲ୍ ମୁହମ୍ମଦ୍ ସାହେବ୍ କରୁଛନ୍ତି । ତାଙ୍କ ସହିତ କୁର୍ଦ୍ଦିଶ୍ ଜମାଅତର ସଦସ୍ୟମାନଙ୍କର ଗୋଟିଏ ଟିମ୍ ବି ଅଛି । ଏହି ଓ୍ୱେବସାଇଟ୍ ର ଉଦ୍ଦେଶ୍ୟ ହେଉଛି କୁର୍ଦ୍ଦିଶ୍ ଭାଷା ଜାଣିଥିବା ପାଠକଙ୍କୁ ଅବସର ପ୍ରଦାନ କରିବା ଯେ ସେମାନେ ପ୍ରଥମଥର ପାଇଁ ଜମାଅତ୍ ଅହେମଦୀୟାର ପ୍ରଥା ଓ ରୀତି ବିଷୟରେ ନିଜ ଭାଷାରେ ପଢିପାରିବେ । ଏହି ଓ୍ୱେବସାଇଟ୍ ମୁଖ୍ୟତଃ କୁର୍ଦ୍ଦିଶ୍ ଭାଷାର ସିରାନୀ ଡାଇଲେକ୍ଟ (Dialect)ଉପରେ ଆଧାରିତ । ଯାହା ସହିତ ବାଦିନି ଡାଇଲେକ୍ଟ ରେ ମଧ୍ୟ କିଛି ବିଷୟବସ୍ତୁ ରହିଛି । ଏହି(website) ଓ୍ୱେବସାଇଟ୍‌ରେ ସମ୍ବାଦ, ପ୍ରବନ୍ଧ, ତଫସୀର୍, ପୁସ୍ତକମାନ ତଥା ଖୁତବା ଜୁମା ଏବଂ ଭିଡିଓ ସେକ୍ସନ୍ ସାମିଲ୍ ରହିଛି । କୁର୍ଦ୍ଦିଶ୍ ଅନୁବାଦ କମିଟିର ସାହାଯ୍ୟ ସହଯୋଗରେ ଏହି (website) ଓ୍ୱେବସାଇଟ୍‌ରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପୁସ୍ତକମାନ ସହିତ ଅନ୍ୟାନ୍ୟ ଜମାତି ପୁସ୍ତକଗୁଡିକ ବି ଉପଲବ୍ଧ ରହିଛି । ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପୁସ୍ତକଗୁଡିକ ରହିଛି । ହଜରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର ଅ ଙ୍କ ପୁସ୍ତକ ରହିଛି ଏବଂ ଅନ୍ୟାନ୍ୟ ଜମାତି ପୁସ୍ତକଗୁଡିକ ବି ଉପଲବ୍ଧ ରହିଛି , ଯେଉଁମାନଙ୍କ ମଧ୍ୟରେ ‘ଇସଲାମ୍ ଉସୁଲ୍ କି ଫିଲାସଫି ’‘ମସିହ୍ ହିନ୍ଦୁସ୍ତାନ୍ ମେଁ’‘ଜରୁରତୁଲ୍ ଇମାମ୍ ’‘ହକିକତୁଲ୍ ଓ୍ୱହି’‘ଦାଓ୍ୱତୁଲ୍ ଅମୀର୍’ ଏବଂ ମନସବେ ଖିଲାଫତ୍ ଇତ୍ୟାଦି ପୁସ୍ତକମାନ ସାମିଲ୍ ରହିଛି । ଜୁମା ପରେ ଇନଶାଅଲ୍ଲାଃ ତାଲା ଏହି(website) ଓ୍ୱେବସାଇଟ୍ ବି ଲଂଚ୍ ହେବ । ଅଲ୍ଲାଃ ତାଲା ଏହାକୁ ମଙ୍ଗଳମୟ କରନ୍ତୁ ।

ସେହିପରି ଦୁନିଆ ରେ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି ସେ ସମ୍ବନ୍ଧରେ କହିବାକୁ ଚାହିଁବି ଯେ ଦୁଆ (ପ୍ରାଥନା) ଜାରି ରଖନ୍ତୁ । ଅଲ୍ଲାଃତାଲା ଦୁନିଆକୁ ଧ୍ୱଂସ ହେବାରୁ ରକ୍ଷାକରନ୍ତୁ । ଏବଂ ଏ ମଣିଷଜାତିକୁ ସଦବୁଦ୍ଧି ଦିଅନ୍ତୁ ଯେ ସେମାନେ ନିଜ ସୃଷ୍ଟିକର୍ତାକୁ ଚିହ୍ନନ୍ତୁ ।

⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

''ମନେରଖ ମୋ ସିଲ୍‌ସିଲା ଯଦି କେବଳ ଗୋଟିଏ ଦୋକାନ୍‌ଦାରୀ ଥାଏ, ତା'ହେଲେ ଏହାର ଚିହ୍ନବର୍ଣ୍ଣ ନଷ୍ଟ ହୋଇଯିବ । କିନ୍ତୁ ଯଦି ଏହା ଖୁଦାତାଲାଙ୍କ ତରଫରୁ ହୋଇଥିବ ଓ ନିଶ୍ଚିତ ରୂପେ ଏହା ତାହାଙ୍କ ତରଫରୁ ଆସିଅଛି । ତା'ହେଲେ ଯଦି ସାରା ଦୁନିଆ ଏହାକୁ ବିରୋଧ କରେ, ଏହା ସତ୍ୱେ ବି ସେ ବଢ଼ିବ, ଫଳିବ ଓ ଫରିଶ୍ତାମାନେ ତାହାର ସୁରକ୍ଷା କରିବେ । ଯଦି ଜଣେ ମଧ୍ୟ ବି ମତେ ସାହାଯ୍ୟ ସହଯୋଗ ନ କରେ, ତେବେ ମୁଁ ଏ ବିଶ୍ୱାସ ରଖିଛି ଯେ ଏହି ସିଲ୍‌ସିଲା ସଫଳ ହେବ ।'' *(ହଜରତ ମସିହ୍ ମଉଦ୍ ଆ:ସ)*

**ଅଲ୍ଲାଃଙ୍କ ତରଫରୁ ଯେତେବେଳେ ସହଯୋଗ ପ୍ରାପ୍ତ ହୋଇଥାଏ, ସେତେବେଳେ କେହି ବି ତାକୁ ରୋକି ପାରିବେ ନାହିଁ ।**

**ହଜରତ ମସିହ ମଉଦ ଆ:ସଙ୍କ ପବିତ୍ର ଜୀବନୀରୁ ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଦ୍ୱାରା ବର୍ଣ୍ଣିତ କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ବର୍ଣ୍ଣନା**

**ଯେଉଁଠି ଏହି ଘଟଣାବଳୀଗୁଡ଼ିକ ହଜରତ ମସିହ ମଉଦ ଆ:ସଙ୍କ ସତ୍ୟତାକୁ ପ୍ରତିପାଦନ କରୁଅଛି, ସେଠି ଏହା ଆମର ଇସ୍‌ଲାହ୍ (ସଂସ୍କାର) ଓ ଆମ ଇମାନ୍‌ର ମଜ୍‌ବୁତ୍ ହେବା ପାଇଁ ଧ୍ୟାନ ଆକର୍ଷଣ କରୁଅଛି । ଯଦି ଏହାକୁ ଶୁଣି ଆମେ ନିଜକୁ ସୁଧାରିବା ପାଇଁ ଚେଷ୍ଟା ନ କରିବା ତା'ହେଲେ ଶୁଣିବାରେ କିଛି ଲାଭ ନାହିଁ ।**

**କୁର୍ଦ୍ଦିଶ ଭାଷାରେ ପ୍ରଥମ ଅହେମଦୀୟା ୱେବ୍‌ସାଇଟ୍‌ର ଶୁଭାରମ୍ଭର ଘୋଷଣା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୨୫ ମାର୍ଚ୍ଚ ୨୦୨୨ ଅନୁଯାୟୀ ୨୫ ଅମାନ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -

اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -

اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଦୁଇ ଦିନ ପୂର୍ବରୁ ୨୩ ମାର୍ଚ୍ଚ ଥିଲା । ଏହି ଦିନଟି ଜମାଅତ୍ ଅହେମଦିୟାରେ ୟୋମେ ମସିହ୍ ମଉଦ୍ (ମସିହ୍ ମଉଦ୍ ଦିବସ) ପାଇଁ ପ୍ରଶିଦ୍ଧ । ଏହି ଦିନ ହଜରତ୍ ମସିହ୍ ମଉଦ୍ ଆ ସ ପ୍ରଥମ କରି ବୟତ ନେଇଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ଏହି ଦିନଟିକୁ ଜମାଅତ ଅହେମଦିୟାରେ ଜଲସା ଅନୁଷ୍ଠିତ କରାଯାଇଥାଏ । ଏହି ଜଲସାରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଦାବି,ଯୁଗର ଆବଶ୍ୟକତା ଅନୁସାରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଆଗମନର ଉଦ୍ଦେଶ,ଆଁ ହଜରତ୍ ସ ଆ ସ ଙ୍କ ତରଫରୁ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ନିମନ୍ତେ ଥିବା ପେଶଗୋଇ (ଭବିଷ୍ୟତବାଣୀମାନ)ତଥା ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଜୀବନ ଚରିତର ବିଭିନ୍ନ ପାର୍ଶ୍ୱ ଉପରେ ଆଲୋକପାତ କରାଯାଏ । ଯୁଗର ଆବଶ୍ୟକତା ଅନୁସାରେ ନିଜ ଆଗମନ ସମ୍ପର୍କରେ ଗୋଟିଏ ଅବସରରେ ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ ଏ ଯୁଗରେ ଖୁଦା ତାଲା ବହୁତ କୃପା କରିଛନ୍ତି ଓ ସେ ନିଜର ଦୀନ୍ (ଅର୍ଥାତ ଇସଲାମ୍ ଧର୍ମ)ଏବଂ ହଜରତ୍ ନବି କରିମ୍ ସ ଆ ସ ଙ୍କ ସମର୍ଥନରେ ଆତ୍ମ ସ୍ୱଭିମାନ ଦେଖାଇ ଏମିତି ଜଣେ ମଣିଷକୁ ପ୍ରେରଣ କରିଛନ୍ତି ଯିଏ ତୁମମାନଙ୍କ ଗହଣରେ କଥାକହୁଅଛି । ଯଦ୍ୱାରା ସେ ଲୋକମାନଙ୍କୁ ସେହି ଆଲୋକ ଆଡକୁ ଡାକିବ । ଯଦି ଏ ଯୁଗରେ ଏତେ ମାତ୍ରାରେ ଫିତ୍‌ନା ଫିସାଦ୍ (ବିଭ୍ରାଟ ଓ ଅସ୍ଥିରତା) ସୃଷ୍ଟି ହୋଇଯାଏ ଏବଂ ଧର୍ମକୁ ନିଶେଷ କରିଦେବା ପାଇଁ ଯେଉଁ ପ୍ରକାରେ ଚେଷ୍ଟା କରାଯାଉଅଛି, ଏପରି ନକରାଯାଉଥାନ୍ତା ତାହେଲେ କିଛି ଅସୁବିଧା ନଥିଲା । ପୁଣି କାହାକୁ ପଠାଇବାର ଆବଶ୍ୟକତା ନଥିଲା । କିନ୍ତୁ ବର୍ତମାନ ତୁମେମାନେ ଦେଖୁଅଛ ଯେ ଚାରିଆଡେ ଇସଲାମକୁ ନିଶେଷ କରିଦେବା ପାଇଁ ଅନ୍ୟ ସମ୍ପ୍ରଦାୟଗୁଡିକ ଉଦ୍ୟମ ଚଳାଇଛନ୍ତି । ଚତୁଃପାର୍ଶ୍ୱରେ,ଡାହାଣ ତଥା ବାମ ଯେଉଁଆଡେ ଦେଖିବେ ଏହା ହିଁ ଦେଖାଯିବ ଯେ ଇସଲାମକୁ କିପରି ନିଃଶେଷ କରିଦିଆଯାଉ ।

ସେ ସମୟରେ ବି ଏମିତି ଅବସ୍ଥା ଥିଲା,ଏହି ଚେଷ୍ଟା କରାଯାଉଥିଲା, ଯେତେବେଳେ ହଜରତ୍ ମସିହ୍ ମଉଦ୍ ଆ ସ ଦାବି କରିଥିଲେ । ଏବେ ମଧ୍ୟ ସେହିପରି ଅବସ୍ଥା ରହିଛି । କିନ୍ତୁ ମୁସଲମାନ୍ ବୋଲାଉଥିବା ଅଧିକାଂସ ଲୋକେ ଏକଥା ବୁଝିପାରୁନାହାନ୍ତି ।

ସେ ଯାହା ହେଉ ନା କାହିଁକି ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି:-ବରାହିନେ ଅହେମଦିୟାରେ ମଧ୍ୟ ମୁଁ ଏକଥା ଉଲ୍ଲେଖ କରିଆସିଅଛି ଯେ ଇସଲାମ୍ ବିରୁଦ୍ଧରେ ଛଅ କୋଟି ପୁସ୍ତକ ରଚନା କରାଯାଇ ପ୍ରକାଶ ହୋଇସାରିଛି । ବଡ ଆଶ୍ଚର୍ଯ୍ୟର କଥା ଏହା ଯେ ହିନ୍ଦୁସ୍ତାନରେ ମୁସଲମାନମାନଙ୍କ ସଂଖ୍ୟା ବି ଛଅ କୋଟି । ଅର୍ଥାତ ସେ ସମୟରେ ଯେତେବେଳେ ହଜରତ୍ ମସିହ୍ ମଉଦ୍ ଆ ସ ଏହା କହିଥିଲେ, ସେତେବେଳେ ମୁସଲମାନମାନଙ୍କ ସଂଖ୍ୟା ଛଅ କୋଟି ଥିଲା ଓ ଇସଲାମ ବିରୁଦ୍ଧରେ ରଚନା କରାଯାଇଥିବା ପୁସ୍ତକଗୁଡିକର ସଂଖ୍ୟା ବି ସମାନ ଥିଲା । ଏପର୍ଯ୍ୟନ୍ତ ରଚନା କରାଯାଇଥିବା ପୁସ୍ତକଗୁଡିକୁ ଯଦି ଛାଡି ବି ଦିଆଯାଏ ତାହେଲେ ମଧ୍ୟ ଆମ ବିରୋଧିମାନେ ହିନ୍ଦୁସ୍ତାନ ଓ ପାକିସ୍ତାନରେ ପ୍ରତ୍ୟେକ ମୁସଲମାନଙ୍କୁ ଗୋଟିଏ ଗୋଟିଏ ପୁସ୍ତକ ଧରାଇସାରିଛନ୍ତି । ଯଦି ଅଲ୍ଲାଃତାଲାଙ୍କ ଆତ୍ମ ସ୍ୱଭିମାନର ଜୋଶ୍ (ଆବେଗ ଓ ଉତ୍ସାହ) ନଥାନ୍ତା ଏବଂ ଇନ୍ନା ଲହୁ ଲହାଫିଜୁନା ର ସତ୍ୟତା ପ୍ରତିପାଦନ ନ ହୋଇଥାନ୍ତା ତାହେଲେ ନିଶ୍ଚିତ ରୂପେ ଏହା ଜାଣିନିଅ ଯେ ଇସଲାମ୍ ଆଜି ଏ ପୃଥିବୀରୁ ଉଭାନ ହୋଇଯାଇଥାନ୍ତା ଓ ତାହାର ଚିହ୍ନ ବର୍ଣ୍ଣ ନଥାନ୍ତା । କିନ୍ତୁ ନୁହେଁ , ଏପରି ହୋଇନପାରେ । ଖୁଦାତାଲାଙ୍କ ଗୁପ୍ତ ହାତ ତାହାର ସୁରକ୍ଷା କରିଚାଲିଛି । (ମଲଫୁଜାତ୍ ,ଖଣ୍ଡ-୦୧,ପୃ-୭୩)

ହଜରତ୍ ମସିହ୍ ମଉଦ୍ ଆ ସ ନିଜ ଦାବି କରିବା ପରେ ଏକଥା ବତାଇଛନ୍ତି ଯେ କିପରି ଅଲ୍ଲାଃ ତାଲା ଙ୍କ ସାହାଯ୍ୟ ଓ ସମର୍ଥନ ତାଙ୍କ ସହିତ ରହିଆସିଅଛି । ଅଲ୍ଲାଃ ତାଲା ପବିତ୍ର କୁରଆନରେ ଯେଉଁ ସବୁ ଭବିଷ୍ୟବାଣୀ ମସିହ୍ ମଉଦ୍ ଆ ସ ଙ୍କ ନିମନ୍ତେ କରିଥିଲେ କିପରି ତାହା ତାଙ୍କ ସମର୍ଥନରେ ପୁରଣ ହୋଇଚାଲିଛି । ଆଁ ହଜରତ୍ ସ ଆ ସ ଙ୍କର ଯେଉଁ ସବୁ ପେଶଗୋଇ ମେହଦୀ ତଥା ମସିହ୍ ମଉଦଙ୍କ ସପକ୍ଷରେ ପୁରଣ ହେବାର ଥିଲା ତାହା କିପରି ପୁରଣ ହୋଇଚାଲିଛି । ଏହି ସମସ୍ତ କଥା ଆମର ବିଭିନ୍ନ ଜଲସାରେ ବର୍ଣ୍ଣନା କରାଯାଇଥାଏ ଏବଂ ଆମେମାନେ ଏହା ସବୁ ଶୁଣିବାକୁ ପାଇଥାଉଁ । ଏମ୍ ଟି ଏ ରେ ମଧ୍ୟ ପ୍ରୋଗ୍ରାମ ପ୍ରସାରଣ କରାଯାଇଥାଏ । ତେଣୁ ଏହି ପ୍ରୋଗ୍ରାମ ସବୁ ଦେଖିବା ଓ ଶୁଣିବା ଉଚିତ୍ ।

ବର୍ତମାନ୍ ମୁଁ ହଜରତ୍ ମୁସଲେହ୍ ମଉଦ୍ ର ଅ ଙ୍କ ଦ୍ୱାରା ଉଲ୍ଲେଖ କରାଅଯାଇଥିବା କିଛି କଥା ଏଠାରେ ବର୍ଣ୍ଣନା କରିବି । ଏହା ହେଉଛି ଏପରି ଘଟଣା ଯାହାକୁ ହଜରତ୍ ମୁସଲେହ୍ ମଉଦ୍ ର ଅ ନିଜେ ଦେଖିଛନ୍ତି ବା ପ୍ରତ୍ୟକ୍ଷ ରୂପେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କଠାରୁ ଶୁଣିଛନ୍ତି ବା କେତେକ ରାୱି ତାଙ୍କୁ ଶୁଣାଇଛନ୍ତି , ଯେଉଁମାନେ ନିଜେ ଏହି ଘଟଣାଗୁଡିକୁ ଦେଖିଥିଲେ । ସେମାନଙ୍କ ମଧ୍ୟରେ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବି ଥିଲେ ଓ ଆମ ନିଜ ଲୋକମାନେ ବି ଥିଲେ । ଯେଉଁଠି ଏହି ସମସ୍ତ ଘଟଣାବଳୀଗୁଡିକ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସତ୍ୟତାକୁ ପରିପ୍ରକାଶ କରୁଅଛି ସେଠାରେ ଆମକୁ ଆମ ନିଜର ସୁଧାର ନିମନ୍ତେ ତଥା ନିଜ ଇମାନ୍(ବିଶ୍ୱାସ)କୁ ସୁଦଢ କରିବା ପାଇଁ ଧ୍ୟାନଆକର୍ଷଣ କରିଥାଏ । ଯଦି ଏହା ସବୁ ଶୁଣି ଆମେ ନିଜର ଇସଲାହ(ସୁଧାର)ତଥା ଭଲମାର୍ଗରେ ପରିଚାଳିତ ହେବାପାଇଁ ଆଗ୍ରହ ସୃଷ୍ଟି ହେଉନାହିଁ ତାହେଲେ ଏହା ସବୁ ଶୁଣିବାରେ କିଛି ଲାଭ ନାହିଁ । ତେଣୁ ଆମକୁ ଏସବୁ ବିଷୟକୁ ଆଖିଆଗରେ ରଖି ଶୁଣିବା ଉଚିତ୍ । ଏବେ ବି ଶୁଣନ୍ତୁ ଯଦ୍ୱାରା ଆମେ ଆମ ବିଶ୍ୱାସକୁ ସୁଦୃଢ କରିପାରିବା ।

ଅମ୍ବିୟା(ଇଶ୍ୱରଙ୍କ ତରଫରୁ ଆସିଥିବା ଦୂତ)ମାନଙ୍କର ବିରୋଧିମାନେ ଅମ୍ବିୟାମାନଙ୍କ ପ୍ରତି ସଦା ସର୍ବଦା ଏହି ବ୍ୟବହାର କରିଆସିଛନ୍ତି ଯେ ସେମାନେ (ଅର୍ଥାତ ଅମ୍ବିୟାମାନେ) ଯାହା ବି ସତ୍‌ଜ୍ଞାନ ତଥା ଇଶ୍ୱରଙ୍କ ସମ୍ବନ୍ଧରେ କହିଥାନ୍ତି ,ଏମାନେ(ଅର୍ଥାତ ବିରୋଧିମାନେ)ଏହା କହିଥାନ୍ତି ଯେ କୌଣସି ଲୋକ ଏମାନଙ୍କୁ ଏପରି ଶିକ୍ଷାଦେଉଅଛି । ଏପରିକି ଆଁ ହଜରତ୍ ସ ଆ ସ ଙ୍କ ସମ୍ବନ୍ଧରେ ବି ଏମାନେ(ଅର୍ଥାତ ବିରୋଧିମାନେ) ଏମିତି ଆରୋପ ଲଗାଇଥିଲେ । ପବିତ୍ର କୁରଆନରେ ବି ସେହି ବିରୋଧିମାନଙ୍କର ଆପତି ଅଭିଯୋଗ ବିଷୟରେ ଏହା ଉଲ୍ଲେଖ ରହିଛି ଯେ ନଉଜୁବିଲ୍ଲାଃ ଅନ୍ୟକେହି ଜଣେ ଆପଣ ସ ଆ ସ ଙ୍କୁ ଶିଖାଉଛି । ଯେବେକି ପବିତ୍ର କୁରଆନ୍ ହେଉଛି ଏପରି ପୁସ୍ତକ ଯାହାର ଉଦାହରଣ କେହି ବି ଉପସ୍ଥାପନ କରିପାରିବେ ନାହିଁ । ଏହା ତ ଅଲ୍ଲାଃତାଲାଙ୍କ ଚ୍ୟାଲେଞ୍ଜ୍ । ସେ ଯାହା ବି ହେଉ ମୁଁ ଏଠାରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପ୍ରସଙ୍ଗରେ କିଛି କହିବି । ଯେତେବେଳେ ହଜରତ୍ ମସିହ୍ ମଉଦ୍ ଆ ସ ବରାହିନେ ଅହେମଦୀୟା ରଚନା କଲେ ଓ ପ୍ରାରମ୍ଭରେ ଏହା ଉଲ୍ଲେଖ କରିଥିଲେ ଯେ ମୁଁ ଏହି ପୁସ୍ତକକୁ ଏତେ ସଂଖ୍ୟାରେ ଲେଖିବି । କିନ୍ତୁ ତାପରେ ଯେବେ ଅଲ୍ଲାଃ ତାଲା ଆପଣ ଆ ସ ଙ୍କୁ ମାମୁରିୟତର

ଯେଉଁ ପଦମର୍ଯ୍ୟାଦା ପ୍ରଦାନ କଲେ , ଆପଣ ଆ ସ କହିଲେ ଯେ ଏକଥାକୁ ଏବେ ଖୁଦାତାଲା ନିଜ ହାତରେ ନେଇସାରିଛନ୍ତି । ତେଣୁ ସେ(ଅର୍ଥାତ ଅଲ୍ଲାଃତାଲା) ପରିସ୍ଥିତି ଅନୁସାରେ ଯେଉଁ ସବୁ ବିଷୟବସ୍ତୁ ଶିଖାଇଚାଲିବେ ମୁଁ ତାହା ବର୍ଣ୍ଣନା କରିଚାଲିବି । ଏଥିରେ ବିରୋଧିମାନେ ଏ ଆପତି ଅଭିଯୋଗ କଲେ ଯେ ଆପଣ ଆ ସ ଙ୍କୁ କିଏ ବୋଧେ ଲେଖିକି ଦେଉଅଛି ଓ ତାହା ଆପଣ ଆ ସ ବର୍ଣ୍ଣନା କରିଦେଉଛନ୍ତି । ହଜରତ୍ ମୁସଲେହ୍ ମଉଦ୍ ର ଅ ଏ ସମ୍ବନ୍ଧରେ ଗୋଟିଏ ଭାଷଣରେ ବର୍ଣ୍ଣନା କରିଛନ୍ତି ଯେ :-ସେ ସମୟରେ ଜମିନ୍ଦାର୍ ନାମକ ଗୋଟିଏ ଖବରକାଗଜ ଏବଂ ଏହସାସନ୍ ନାମକ ଆଉଗୋଟିଏ ଖବରକାଗଜ ପ୍ରକାଶ ପାଉଥିଲା । ବିରୋଧିମାନଙ୍କର ଏହି ଖବରକାଗଜରେ ଏକଥା ପ୍ରକାଶ ପାଉଥିଲା ଯେ ଚିରାଗ୍ ଅଲୀ ନାମକ କେହି ଜଣେ ମୌଲବୀ,ଯିଏ ହାଇଦ୍ରାବାଦୀ ନିବାସୀ ଥିଲେ, ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ଏହି ସବୁ ବିଷୟ ଗୁଡିକ ଲେଖି ପଠାଉଥିଲେ ଯାହାକୁ ହଜରତ୍ ମସିହ୍ ମଉଦ୍ ଆ ସ ବରାହିନେ ଅହେମଦିୟାରେ ଛପାଇ ପ୍ରକାଶ କରିଦେଉଥିଲେ । ଯେପର୍ଯ୍ୟନ୍ତ ତାଙ୍କ ତରଫରୁ ଏହି ବିଷୟବସ୍ତୁ ଗୁଡିକ ପଠାଇବାର କ୍ରମ ଜାରି ରହିଥିଲା ସେ ପର୍ଯ୍ୟନ୍ତ ହଜରତ୍ ମସିହ୍ ମଉଦ୍ ଆ ସ ବରାହିନେ ଅହେମଦିୟାରେ ଛପାଇ ପ୍ରକାଶ କରିଚାଲିଥିଲେ । କିନ୍ତୁ ଯେତେବେଳେ ସେ ମଜମୁନ୍(ବିଷୟ)ପଠାଇବା ବନ୍ଦ କରିଦେଲେ ସେତେବେଳେ ହଜରତ୍ ମସିହ୍ ମଉଦ୍ ଆ ସ ନିଜର ବହି ଲେଖିବା ବି ବନ୍ଦ କରିଦେଲେ । ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି :- ଏକଥା ବୁଝିହେଉନାହିଁ ଯେ ମୌଲବୀ ଚରାଗ୍ ଅଲୀ ସାହେବଙ୍କୁ ଏମିତି କଣ ହୋଇଯାଇଛି ଯେ ସେ ଭଲ ଭଲ ପଏଂଟ (ବିଷୟବସ୍ତୁ)ସବୁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ଦେଇଦେଉଥିଲେ ଓ ଏଣୁ ତେଣୁ ମାମୁଲି ବିଷୟକୁ ନିଜ ପାଖରେ ରଖୁଥିଲେ । ଯେବେକି ମୌଲବୀ ଚରାଗ୍ ଅଲୀ ସାହେବ ଜଣେ ଲେଖକ । ସୁତରାଂ ବରାହିନେ ଅହେମଦୀୟା ପୁସ୍ତକ ମୁକାବିଲାରେ ତାଙ୍କ ପୁସ୍ତକକୁ ରଖାଯାଉ । ତାଙ୍କର କେତେକ ପୁସ୍ତକ ରହିଛି,ସେ ସବୁକୁ ବରାହିନେ ଅହେମଦୀୟା ବିପକ୍ଷରେ ରଖି ଦେଖ କଣ ତାହା ବରାହିନେ ଅହେମଦୀୟା ସହିତ ସେସବୁର କିଛି ସାମଞ୍ଜ୍ୟସତା ଅଛି କି ? କେଉଁଠି ବରାହିନେ ଅହେମଦୀୟା ଓ କେଉଁଠି ମୌଲବୀ ଚରାଗ୍ ଅଲୀ ସାହେବଙ୍କ ଲେଖା ! ପୁଣି କଣ କାରଣ ଥିଲା ଯେ ସେ ଅନ୍ୟମାନଙ୍କୁ ତ ଏପରି ବିଷୟବସ୍ତୁ ଲେଖିକି ଦେଇପାରୁଥିଲେ ଯାହାର ଉଦାହରଣ ମିଳିବା କଷ୍ଟକର । କିନ୍ତୁ ଯେବେ ସେ ନିଜ ନମରେ ଯଦି କୌଣସି ବିଷୟ ଲେଖି ପ୍ରକାଶ କରିବାକୁ ଚାହୁଁଥିଲେ ସେତେବେଳେ ସେଥିରେ କିଛି ବିଶେଷ କଥା ହିଁ ରହୁନଥିଲା । ପ୍ରଥମତଃ ତାଙ୍କୁ ଏମିତି କରିବାର ଆବଶ୍ୟକତା କଣ ଥିଲା ଯେ ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମଜମୁନ୍ (ନିବନ୍ଧ ଓ ସ୍ତମ୍ଭଲେଖା)ଲେଖି ପଠାଇଥାନ୍ତେ । ଯଦି ବି ପଠାଇଥାନ୍ତେ ତାହେଲେ ଭଲ ବିଷୟକୁ ନିଜ ପାଖରେ ରଖିଥାନ୍ତେ ଓ ମାମୁଲି ବିଷୟକୁ ଅନ୍ୟମାନଙ୍କୁ ଦେଇଥାନ୍ତେ । ଯେମିତି ଜୌକ୍ ଥିଲେ । ଜୌକ୍ ନାମକ ଜଣେ କବି ଥିଲେ । ତାଙ୍କ ବିଷୟରେ ସମସ୍ତେ ଏକଥା ଜାଣିଛନ୍ତି ଯେ ସେ ଜଫର୍‌ଙ୍କୁ , ଅର୍ଥାତ ବାହାଦୁର୍ ଶାହା ଜଫରଙ୍କୁ ନଜମ୍ (କବିତା)ଲେଖିକି ଦେଉଥିଲେ । କିନ୍ତୁ "ଦିୱାନେ ଜୌକ୍''ଏବଂ "ଦିୱାନେ ଜଫର୍"ଆଜିକାଲି ଦୁଇଟିଯାକ ମିଳୁଅଛି । ଉଭୟକୁ ଦେଖି ସ୍ପଷ୍ଟ ଜଣାପଡୁଛି ଯେ ଜୌକ୍ ଙ୍କ ଲେଖାରେ ଯେଉଁ ସାହିତ୍ୟ ଓ ଯେଉଁ ମର୍ମ ମିଳିଥାଏ ତାହା ଜଫରଙ୍କ ଲେଖାରେ ମିଳେନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ଯଦି ସେ ଜଫରଙ୍କୁ କିଛି ଲେଖା ଦେଉ ବି ଥିଲେ ତାହେଲେ ନିଜର କିଛିଟା ବଂଚି ଯାଉଥିବା ବଳକା ଲେଖା ହିଁ ଦେଉଥିଲେ । ଉତମ ତଥା ଭଲ ଓ ଉତ୍କୃଷ୍ଟ ଲେଖା ଦେଉନଥିଲେ । ଯଦିଓ ଜଫର୍ ସମ୍ରାଟ ଥିଲେ । ଅତେବ ଜଣେ ମାମୁଲି ଓ ସାଧାରଣ ଜ୍ଞାନ ରଖିଥିବା ଲୋକ ଏକଥା ଜାଣିପାରିବ ଯେ ଯଦି ମୌଲବୀ ଚରାଗ୍ ଅଲୀ ସାହେବ୍ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ନିବନ୍ଧ ଲେଖି ପଠାଉଥିଲେ ତାହେଲେ ତାଙ୍କୁ ଆବଶ୍ୟକ ଥିଲା ଯେ ଜ୍ଞାନର ସୁନ୍ଦର ସୁନ୍ଦର ବଳିଷ୍ଠ ଲେଖାଗୁଡିକୁ ନିଜ ପାଖରେ ଲେଖି ରଖିଥାନ୍ତେ ଓ ମାମୁଲି ଜ୍ଞାନସମ୍ବଳିତ ଲେଖାମାନ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ଦେଇଥାନ୍ତେ । କିନ୍ତୁ ଏବେ ମୌଲବୀ ଚରାଗ୍ ଅଲୀ ସାହେବଙ୍କ ଦ୍ୱାରା ଲିଖିତ ପୁସ୍ତକମାନ ବି ମହଜୁଦ ଅଛି ଏବଂ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଦ୍ୱାରା ଲିଖିତ ପୁସ୍ତକମାନ ବି ମହଜୁଦ ରହିଛି । ସେହି ପୁସ୍ତକଗୁଡିକୁ ଆପୋଷରେ ତୁଳନା କରି ଦେଖିନିଅନ୍ତୁ । ଦେଖିବେ କୌଣସି ପ୍ରକାରେ ବି ସାମଞ୍ଜସ୍ୟତା ନାହିଁ । ମୌଲବୀ ଚରାଗ୍ ଅଲୀ ସାହେବ ନିଜ ପୁସ୍ତକଗୁଡିକରେ କେବଳ ବାଇବେଲ୍ ର ହୱାଲା (ରିଫରେନ୍ସ)ଏକାଠି କରିଛନ୍ତି । ଏବଂ ହଜରତ୍ ମସିହ୍ ମଉଦ୍ ଆ ସ ପବିତ୍ର କୁରଆନର ଏପରି ଜ୍ଞାନ ଓ ତତ୍ୱସମ୍ବଳିତ ମାର୍ମିକ ତଥ୍ୟ ଉପସ୍ଥାପନ କରିଛନ୍ତି ଯେ ତାହା ବିଗତ ତେରଶହ ବର୍ଷ ମଧ୍ୟରେ କୌଣସି ମୁସଲମାନଙ୍କ ମୁଣ୍ଡରେ ଜୁଟିନଥିଲା । ଏବଂ ସେହି ତତ୍ୱସମ୍ବଳିତ ମାର୍ମିକ ତଥ୍ୟ ଓ ଜ୍ଞାନର ଶହେ ଭାଗରୁ ଏକ ଭାଗ ବି ବରଂ ହଜାରେ ଭାଗରୁ ଭାଗେ ବି ତାଙ୍କ(ଅର୍ଥାତ ମୌଲବୀ ଚରାଗ୍ ଅଲୀ ସାହେବଙ୍କ)ପୁସ୍ତକରେ ନାହିଁ । (ଉଦ୍ଧୃତାଂଶ ଫଜାଇଲୁଲ୍ କୁରଆନ୍ (୬), ଅନୱାରୁଲ୍ ଉଲୁମ୍ , ଖ-୧୪ , ପୃ-୩୫୦)

ପୁଣି ଅନ୍ୟ ମୌଲବୀମାନେ ଯେଉଁମାନେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ବିରୋଧରେ କୋଳାହଳ ଓ ପାଟିତୁଣ୍ଡ କରୁଛନ୍ତି , ସେହି ମୌଲବୀ ତଥା ବିରୋଧିମାନଙ୍କ କୋଳାହଳ ଓ ବିରୋଧ ବିଷୟରେ ହଜରତ୍ ମୁସଲେହ୍ ମଉଦ ର ଅ ଗୋଟିଏ ସ୍ଥାନରେ କହିଛନ୍ତି ଯେ ଯେବେ ହଜରତ୍ ମସିହ୍ ମଉଦ୍ ଆ ସ ଦାବି କଲେ , ସେତେବେଳେ ଆପଣ ଆ ସ ଙ୍କ ଅବସ୍ଥା ଏବଂ ଆପଣ ଆ ସ ଙ୍କ ଅନୁଯାୟୀ ମାନଙ୍କର ଅବସ୍ଥା ବହୁତ ଦୁର୍ବଳ ଥିଲା ।

ହଜରତ୍ ମୁସଲେହ୍ ମଉଦ୍ ର ଅ କହିଛନ୍ତି ଯେ "ମୋ ଜନ୍ମ"ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଦାବି ପୂର୍ବରୁ ହୋଇଥିଲା । ଯଦିଓ ମୁଁ ପ୍ରାରମ୍ଭିକ ଅବସ୍ଥାକୁ ଦେଖିନାହିଁ କିନ୍ତୁ ପ୍ରାରମ୍ଭିକ ସମୟର ଅତି ନିକଟତମ ଯୁଗକୁ ଦେଖିଛି ।" ଅର୍ଥାତ ମୁଁ ଯେବେଠାରୁ ହେତୁ ପାଇଲିଣି "ସେହି ଯୁଗ ବି ବହୁତ ଦୁର୍ବଳତାର ଯୁଗ ଥିଲା" ଆମ ଜମାଅତର । (ବିରୋଧିମାନେ)ପ୍ରତ୍ୟେକ ପ୍ରକାରେ ମୌଲବୀମାନଙ୍କୁ ଉତ୍କୁସାଉଥିଲେ ଓ ଯଥା ସମ୍ଭବ ଆମକୁ ଦୁଃଖ ଦେବାକୁ ଚେଷ୍ଟା କରୁଥିଲେ ।" (ଖୁତବାତେ ମେହମୁଦ୍, ଖ-୮, ପୃ-୨୪୮)

କିନ୍ତୁ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିଲେ ନାହିଁ । ଅଲ୍ଲାଃତାଲାଙ୍କ କାମ ପୂରଣ ହୋଇଚାଲିଲା ।

ସେହି ସବୁ ମୁଖାଲିଫତ(ବିରୋଧ)ହେବା ସମୟରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କର କେଉଁ ପ୍ରକାରର ପ୍ରତିକ୍ରୀୟା ଥିଲା , ସେ ସମ୍ବନ୍ଧରେ ହଜରତ୍ ମୁସଲେହ୍ ମଉଦ୍ ର ଅ କହିଛନ୍ତି ଯେ :-ମୁଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କଠାରୁ ଅନେକ ଥର ଶୁଣିଛି ଯେ ଲୋକମାନେ ଗାଳି ଗୁଲଜ ଦେଉଛନ୍ତି , ଏକଥା ଦେଖି ମୋତେ ବହୁତ ଖରାପ ଲାଗୁଛି ଯେ ଏହି ଲୋକମାନେ ଆମକୁ ଗାଳି ଦେଇ କାହିଁକି ନିଜର ଭାଗ୍ୟକୁ (ଅର୍ଥାତ ପରକାଳର ପରିଣାମକୁ)ଖରାପ କରୁଛନ୍ତି । ଯଦି ଗାଳି ନଦେଉଛନ୍ତି ତାହେଲେ ବି ଆମକୁ କଷ୍ଟ ଲାଗୁଛି । କାରଣ ବିନା କୌଣସି ମୁଖାଲିଫତ୍ (ବିରୋଧ)ରେ ଜମାଅତର ଉନ୍ନତି ଓ ବିକାଶ ହୁଏନାହିଁ । ଗାଳି ଦେବା ଯୋଗୁଁ ଓ ଏପରି ବିରୋଧ ହେବାଯୋଗୁଁ ଆମ ଜମାଅତର ବାର୍ତା ଚାରିଆଡେ ପହଂଚୁଛି । ପୁଣି ସେ କୁହନ୍ତି ହଜରତ୍ ମସିହ୍ ମଉଦ୍ ଆ ସ କହୁଥିଲେ ଯେ ଆମକୁ ସେମାନଙ୍କ ଗାଳିଗୁଲଜ କରିବାରେ ବି ଆନନ୍ଦ ମିଳୁଅଛି । ତେଣୁ ଆପତି ଅଭିଯୋଗ ତଥା ଲୋକମାନଙ୍କ କୁଭାଷାର କୌଣସି ପରବାଏ କରିବା ଉଚିତ ନୁହେଁ ।

ପୁଣି ପଞ୍ଜାବିରେ ଗୋଟିଏ ଲୋକକଥା ମିଳିଥାଏ , ଯାହାକୁ ହଜରତ୍ ମସିହ୍ ମଉଦ୍ ଆ ସ କହୁଥିଲେ ଯେ 'ଉଂଟ ଉଡାନ୍ଦେ ଅଏ ଲଦେ ଜାନ୍ଦେ ନେ"ଅର୍ଥାତ ଓଟ ଯଦିଓ ଚିତ୍କାର କରିଚାଲିଥାଏ କିନ୍ତୁ ତାମାଲିକ ତାଉପରେ ହାତ ବୁଲାଇ ତୁହାକୁ ତୁହା ଜିନିଷ ଲଦି ଚାଲିଥାଏ । ସେହିପରି ଲୋକମାନେ କିଛି ବି କୁହନ୍ତୁ ହଜରତ୍ ମସିହ୍ ମଉଦ୍ ଆ ସ ଏ ଉପଦେଶ ଦେଇଛନ୍ତି ଯେ ତୁମେମାନେ ନମ୍ରତାପୂର୍ଣ୍ଣ ଓ ପ୍ରେମପୂର୍ଣ୍ଣ ବ୍ୟବହାର କରିଚାଲ । (ଖୁତବାତେ ମେହମୁଦ୍, ଖ-୧୫, ପୃ-୨୬୫)

ଅଲ୍ଲାଃତାଲା କୃପା କରିବେ । ସେହି ଲୋକମାନଙ୍କ ମଧ୍ୟରୁ (ଅହେମଦିୟତ)ଗ୍ରହଣ କରିବାକୁ ଲୋକେ ଆସିବେ । ଏହି ମୁଖାଲିଫତ୍ ପ୍ରସଙ୍ଗରେ ଆଉ ଗୋଟିଏ ସ୍ଥାନରେ କହିଛନ୍ତି ଯେ "ଯେବେ ହଜରତ୍ ମସିହ୍ ମଉଦ୍ ଆ ସ ଦାବି କଲେ , ସେତେବେଳେ ଆପଣ ଆ ସ ଙ୍କୁ ସ୍ୱୀକାର କରିଥିବା ଲୋକମାନଙ୍କର ସଂଖ୍ୟା କେବଳ କିଛି ହାତଗଣତି ଲୋକେ ହିଁ ଥିଲେ କିନ୍ତୁ ତାପରେ ଯେବେ ଆଥମ୍ ସହିତ ଆପଣ ଆ ସ ଙ୍କର ମୁକାବିଲା ହେଲା ସେତେବେଳେ ଲୋକମାନେ ପରିକ୍ଷାରେ ପଡିଗଲେ । ସେମାନେ ଭାବିଲେ ଯେ ଆପଣ ଆ ସ ଙ୍କ ପେଶଗୋଇ ନିଜ ପ୍ରକାଶ୍ୟ ଶବ୍ଦ ଅନୁସାରେ ପୂରଣ ହେଲାନାହିଁ । ପୁଣି ଲେଖରାମ୍ ସହିତ ଆପଣ ଆ ସ ଙ୍କର ମୁକାବିଲା ହେଲା । ଯଦିଓ ଆପଣ ଆ ସ ଙ୍କ ପେଶଗୋଇ ଅତ୍ୟନ୍ତ ବୈଭବର ସହିତ ପୂରଣ ହେଲା କିନ୍ତୁ ହିନ୍ଦୁମାନଙ୍କ ମଧ୍ୟରେ ଆପଣ ଆ ସ ଙ୍କ ବିରୁଦ୍ଧରେ ଉନ୍ମାଦ ସୃଷ୍ଟି ହୋଇଗଲା । ଫଳତଃ ସେମାନେ ଆପଣ ଆ ସ ଙ୍କର ଭିଷଣ ବିରୋଧ ଆରମ୍ଭ କରିଦେଲେ । ସେହିପରି ମୌଲବୀ ମୁହମ୍ମଦ୍ ହୁସୈନ୍ ସାହେବ୍ ବଟାଲ୍ୱିଙ୍କ ଫତୱାର ସମୟ ଆସିଲା , ପୁଣି ଆମ ଜମାଅତ୍ ଉପରେ ଆଉଗୋଟିଏ ପରିକ୍ଷା ଆସିଲା । ପୁଣି ଡାଃ ଅବ୍ଦୁଲ୍ ହକିମ୍ ଙ୍କ ଇର୍ତାଦ୍(ଅର୍ଥାତ ଧର୍ମପରିତ୍ୟାଗ)କରିବାର ସମୟ ଆସିଲା । ସେତେବେଳେ ଆମ ଜମାଅତ୍ ଉପରେ ଆଉଗୋଟିଏ ପରିକ୍ଷା ଆସିଲା । ସୁତରାଂ ଭିନ୍ନ ଭିନ୍ନ ସମୟରେ ଏତେ ମାତ୍ରାରେ ବିଦ୍ରୋହ ହେଲା ଯେ ଏହା ଦେଖୁଥିବା ଲୋକମାନେ ଭାବିଲେ ଯେ ଏବେ ଏମାନେ ଶେଷ ହୋଇଗଲେ । କିନ୍ତୁ ଖୁଦା ତାଲା ଏହି ସମସ୍ତ ବିଭ୍ରାଟକୁ ଶେଷ କରିଦେବାର ଜିନିଷ ସୃଷ୍ଟି କରିଦେଲେ ଓ ସେହି ସବୁ ଫିତ୍‌ନା(ବିଭ୍ରାଟ ଓ ବିଦ୍ରୋହ) ଆମ ଜମାଅତକୁ ନିଶେଷ କରିବା ପରିବର୍ତେ ଆମ ଜମାଅତର ଉନ୍ନତି ଓ ବିକାଶର କାରଣ ସାଜିଲା ।

ସେହିଭଳି ଏବେ ବି ହେଉଅଛି । ହଜରତ୍ ମୁସଲେହ୍ ମଉଦ୍ ର ଅ କହୁଛନ୍ତି :-"ତୁମେ ଏହା ଦେଖିନିଅ'ଯେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସମୟରେ ବିଦ୍ରୋହ ହୋଇଥିଲା "ଲୋକମାନେ କିପରି ବିଭ୍ରାଟ ସୃଷ୍ଟି କରିଥିଲେ,ବିଦ୍ରୋହ କରିଥିଲେ, ଏବଂ ଲୋକମାନେ କିପରି ଏହା ବୁଝିଯାଇଥିଲେ ଯେ ଏବେ ଅହେମଦୀୟତ୍ ନିଶେଷ ହୋଇଯିବ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଜମାଅତ୍ ଅହେମଦୀୟା ନିଶେଷ ହେବା ପରିବର୍ତେ ଖୁଦାତାଲାଙ୍କ କୃପାରୁ ପୂର୍ବାପେକ୍ଷା ଆହୁରି ଅଧିକା ଉନ୍ନତି କରିଚାଲିଲା ।" (ଖୁତବାତେ ମେହମୁଦ୍ , ଖ-୩୩ , ପୃ-୨୯୮)

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ସୁତାରାଂ ଏହା ହେଉଛି ଜମାଅତର ଇତିହାସ । ଐଶି ଜମାଅତ୍‌ଗୁଡିକର ଏହି ଇତିହାସ ରହିଥାଏ ।

ସେହିଭଳି ବିରୋଧିମାନଙ୍କର ବି କାର୍ଯ୍ୟଶୈଳୀ ରହିଆସିଅଛି । ଏବେ ମଧ୍ୟ ସେହିପରି ଚାଲିଛି । ଏବଂ ଏମିତି ବିରୋଧକୁ ସାମନା କରି ଆମ ଜମାଅତ୍ ଉନ୍ନତି କରିଚାଲିଛି । ଏବେ ବି ଇନଶାଅଲ୍ଲାଃ ଉନ୍ନତି ଓ ବିକାଶ କରିଚାଲିବ ବରଂ କରିଚାଲିଛି । ବିରୋଧିମାନେ ବି ଜୋର୍ ଲଗାଉଛନ୍ତି । ମୁନାଫିକ୍ (କପଟୀ)ମାନେ ବି ଜୋର୍ ଲଗାଉଛନ୍ତି । କିନ୍ତୁ ଅଲ୍ଲାଃ ତାଲା ନିଜର କାମକୁ ପୂରଣ କରିକି ହିଁ ରହିଥାନ୍ତି । ସେ ଯାହା ପ୍ରତିଶ୍ରୁତି(ଅଙ୍ଗୀକାର) କରିଥାଏ ସେ ତାହା ପୂରଣ କରିକି ହିଁ ରହିବ । ଇନଶାଅଲ୍ଲାଃ ।

ମୁଖାଲିଫତ୍ (ବିରୋଧ) ହେବା ପ୍ରସଙ୍ଗରେ ହଜରତ୍ ମୁସଲେହ୍ ମଉଦ୍ ର ଅ ଗୋଟିଏ ଭାଷଣରେ ବି କହିଛନ୍ତି ଯେ ଏହାର ଗୋଟିଏ ପାର୍ଶ୍ୱ ହେଉଛି ଏପରି ଯେ ଲୋକମାନଙ୍କ ମଧ୍ୟରେ ମୁଖାଲିଫତ୍ ଦେଖଦେଇଥାଏ , ଯଦ୍ୱାରା ସେମାନେ ଏହି ମୁଖାଲିଫତ୍ କାରଣରୁ ସେମାନେ ଆମକଥାକୁ କର୍ଣ୍ଣପାତ କରିନଥାନ୍ତି । ସେମାନଙ୍କ ହୃଦୟରେ କ୍ରୋଧ ଭରିରହିଥାଏ । ଏହା ଆମମାନଙ୍କ ପାଇଁ ବହୁତ ଖରାପ କଥା । କିନ୍ତୁ ଏହାର ଗୋଟିଏ ପାର୍ଶ୍ୱ ହେଉଛି ଏହା କି ଯେବେ କୌଣସି ବ୍ୟକ୍ତି ମୁଖାଲିଫତ୍ ର କଥା ଶୁଣିଥାଏ ସେତେବେଳେ ସେ ତାହାର ଖୋଳତାଳ କରିଥାଏ ଯେ ଓହୋ ! ଏମାନେ ଏତେ ଖରାପ ଲୋକେ । ତାହେଲେ ମୁଁ ଟିକିଏ ଯାଇ ସେମାନଙ୍କୁ ଦେଖିଆସେ । ପୁଣି ଯେତେବେଳେ ସେ ଦେଖିଥାଏ ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ ହୋଇଯାଏ ଯେ ଯେଉଁସବୁ କଥା ସେମାନେ (ଅର୍ଥାତ ବିରୋଧିମାନେ)ବତାଇଥିଲେ, ତାହା ତ ବିଲକୁଲ୍ ଅଲଗା ଥିଲା । ଅର୍ଥାତ ବିରୋଧିମାନେ ଯେଉଁ କଥା ବତାଇଥିଲେ ତାହା ତ ଆଉ କିଛି ଥିଲା । କିନ୍ତୁ ଅହେମଦୀମାନେ ଯେଉଁକଥା କହୁଛନ୍ତି ତାହା ତ ବିଲକୁଲ୍ ସେମାନଙ୍କ (ଅର୍ଥାତ ବିରୋଧିମାନଙ୍କ କଥାଠାରୁ) ଅଲଗା । ସୁତରାଂ ସେ ହିଦାୟତ୍ (ସତ୍‌ପଥ)କୁ ଗ୍ରହଣ କରିନେଇଥାଏ ।

ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି : ମୋର ମନେଅଛି ଯେ ମୁଁ ଛୋଟଥିଲି, ହଜରତ୍ ମସିହ୍ ମଉଦ୍ ଆ ସ ମସଜିଦରେ ବିରାଜମାନ ଥିଲେ , ମଜଲିସ୍ ଲାଗିଥିଲା । ସେହି ସମୟରେ ରାମପୁର୍ ରୁ ଜଣେ ବ୍ୟକ୍ତି ଆସି ପହଂଚିଲେ । ସେ ଲକ୍ଷ୍ନୌ ବା ତା ଆଖପାଖର ନିବାସୀ ଥିଲେ । କିନ୍ତୁ ରାମପୁରରେ ରହୁଥିଲେ । ତାଙ୍କର ଉଚ୍ଚତା ବହୁତ କମ୍ ଥିଲା (ଅର୍ଥାତ ଗେଡା ଲୋକ ଥିଲେ) । ପତଳା ଲୋକ ଥିଲେ । ସେ ଜଣେ ଅଦିବ୍(ସାହିତ୍ୟିକ)ବ୍ୟକ୍ତି ଥିଲେ । କବି ମଧ୍ୟ ଥିଲେ ଏବଂ ତାଙ୍କୁ ଉର୍ଦ୍ଦୁ ଭାଷାର ସଂଳାପବିଶିଷ୍ଟ ଅଭିଧାନ ଲେଖିବାପାଇଁ ରାମପୁରର ନୱାବ୍ ସାହେବ୍ ନିଯୁକ୍ତ କରିଥିଲେ । ସେ ଆସି ମଜଲିସରେ ବସିପଡିଲେ ଓ ନିଜର ପରିଚୟ ପ୍ରଦାନ କଲେ ଯେ ମୁଁ ରାମପୁରରୁ ଆସିଛି ଓ ନୱାବ୍ ସାହେବ୍ ଙ୍କ ଦରବାରୀ । ହଜରତ୍ ମସିହ୍ ମଉଦ୍ ଆ ସ ପଚାରିଲେ ଯେ ଆପଣଙ୍କୁ ଏଠାକୁ ଆସିବା ପାଇଁ କିଏ ପର୍ବର୍ତାଇଥିଲେ ? ସେ କହିଲେ ମୁଁ ଏଠାକୁ ଆସିଛି ବୟତ୍ (ଅର୍ଥାତ ଅହେମଦୀୟତର ଦିକ୍ଷା ଗ୍ରହଣ) କରିବା ପାଇଁ । ଏଥିରେ ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ରାମପୁର୍ ଇଲାକାରେ ତ ଆମ ସମ୍ପ୍ରଦାୟର ଲୋକେ ବହୁତ କମ୍ ଅଛନ୍ତି ଓ ସେ ଇଲାକାରେ ତବଲିଗ୍ ବି ବହୁତ କମ୍ କରାଯାଇଛି । ତେଣୁ ଆପଣଙ୍କୁ କିଏ ଏପଟକୁ ଆସିବା ପାଇଁ ପ୍ରୋତ୍ସାହିତ କଲା ? ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି : ଏହି ବାକ୍ୟ ଆଜି ପର୍ଯ୍ୟନ୍ତ ମୋ କାନରେ ଗୁଞ୍ଜରିତ ହେଉଅଛି ଓ ମୁଁ ଆଜି ପର୍ଯ୍ୟନ୍ତ ଏହାକୁ ଭୂଲିପାରିନାହିଁ । ଯଦିଓ ମୋ ବୟସ ସେତେବେଳେ ଷୋହଳ ବର୍ଷ ହୋଇଥିଲା । ଏହି ପ୍ରଶ୍ନର ଉତରରେ ସେ ତତ୍‌କ୍ଷଣାତ୍ ଦେଇ କହିଲେ ଯେ ମତେ ଏଠାକୁ ମୌଲବୀ ସନାଉଲ୍ଲାଃ ସାହେବ୍ ପ୍ରୋତ୍ସାହିତ କରିଛନ୍ତି । ତାହା କିପରି ହେଲା ? ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି : ମୋର ଅଳ୍ପ ବୟସ ହୋଇଥିବା ଯୋଗୁଁ ମୁଁ ଏକଥା କୁ ବୁଝିପାରିନଥିଲି କିନ୍ତୁ ହଜରତ୍ ମସିହ୍ ମଉଦ୍ ଆ ସ ତାଙ୍କ ଉତର ଶୁଣି ହସିଦେଲେ ଓ କହିଲେ ଯେ ତାହା କିପରି ? ଏଥିରେ ସେ କହିଲେ ଯେ ମୌଲବୀ ସନାଉଲ୍ଲାଃ ସେହେବ୍ ଙ୍କ ପୁସ୍ତକଗୁଡିକ ନୱାବ ସାହେବଙ୍କ ଦରବାରକୁ ଆସୁଥିଲା ଏବଂ ନୱାବ ସାହେବ ମଧ୍ୟ ପଢୁଥିଲେ ଓ ମତେ ବି ପଢିବା ପାଇଁ କୁହାଗଲା ,ଏଥିରେ ମୁଁ କହିଲି ଯେ ଯେଉଁ ସବୁ ହୱାଲା(ରିଫରେନ୍ସ)ଇଏ ଲେଖୁଛନ୍ତି ସେସବୁକୁ ମୁଁ ମିର୍ଜା ସାହେବଙ୍କ ପୁସ୍ତକଗୁଡିକରୁ ବାହାର କରି ଦେଖିନିଏ ଯେ ସେହି ସବୁ ହୱାଲା(ରିଫରେନ୍ସ)କଣ ଓ କିପ୍ରକାରର । ମୁଁ ଏହା ଭାବି ମନେ ମନେ ଚିନ୍ତା କଲି ଯେ ଏହିଭଳି ମୁଁ ଅହେମଦୀୟତ୍ ବିରୁଦ୍ଧରେ ବହୁତ ଗୁଡିଏ ତଥ୍ୟ ଏକାଠି କରିନେବି । କିନ୍ତୁ ଯେବେ ମୁ ହୱାଲା(ରିଫରେନ୍ସ)ବାହାର କରି ପଢିବା ଆରମ୍ଭ କଲି ତ ଦେଖିଲି ଯେ ତାଙ୍କର ବିଷୟବସ୍ତୁ ତ ଆଉକିଛି ଥିଲା । ଏତଦ୍ୱାରା ମୋର ଆଗ୍ରହ ଆହୁରି ବଢିଗଲା । ତେଣୁ ମୁଁ କହିଲି ଯେ ଆଉ କିଛି ପୃଷ୍ଠା ଆଗରୁ ଓ ପଛରୁ ପଢିନିଏ । ଯେବେ ମୁଁ ତାହା ପଢିଲି , ଜାଣିବାକୁ ପାଇଲି ଯେ ରସୁଲେ କରିମ୍ ସ ଆ ସ ଙ୍କ ସମ୍ମାନ ଏବଂ ମହାଭାଗ ସ ଆ ସ ଙ୍କ ଶାନ୍ (ଯଶ) ଓ ମହାଭାଗ ସ ଆ ସ ଙ୍କ ମହାନତା ଯାହା ମିର୍ଜା ସାହେବ୍ ବର୍ଣ୍ଣନା କରିଛନ୍ତି ତାହା ତ ଏ ଲୋକମାନଙ୍କ ହୃଦୟରେ ନାହିଁ । ପୁଣି ସେ କହିବାକୁ ଲାଗିଲେ ଯେ ମତେ ଫାର୍ସୀ ପ୍ରତି ଆଗ୍ରହ ଥିଲା । ସୌଭାଗ୍ୟବସତଃ ମତେ ଫାର୍ସୀ "ଦୁର୍ରେ ସମିନ୍" ମିଳିଗଲା ଓ ତାହା ମୁଁ ପଢିଲି । ମୁଁ ଯେବେ ତାହା ପଢିବା ଆରମ୍ଭ କଲି , ତାପରେ ମୋ ହୃଦୟ ବିଲକୁଲ୍ ସଫା ହୋଇଗଲା । ତେଣୁ ମୁଁ କହିଲି ଯେ ଏବେ ଯାଇ ମୁଁ ବୟତ କରିଆସିବି । ଅତେବ୍ ମୁଖାଲିଫତ୍ ଯେଉଁଠି ଫିତନା ଫସାଦ୍ (ବିଭ୍ରାଟ) ସୃଷ୍ଟି କରିବାର ଜରିଆ ହୋଇଥାଏ ସେଠାରେ ଲାଭ ବି ହୋଇଥାଏ ।

(ଉଦ୍ଧୃତାଂଶ ପୁସ୍ତକ ଚଶମାଏ ହିଦାୟତ୍,ଅନୱାରୁଲ୍ ଉଲୁମ୍,ଖ-୨୨,ପୃ-୪୩୩-୪୩୫)

ସୁତରାଂ ଏହି ଦୁଇଟିଯାକ ପରିସ୍ଥିତିକୁ ଆଖିଆଗରେ ରଖି ଆମକୁ ତବଲିଗ୍ ର କାର୍ଯ୍ୟଧାରାକୁ ପ୍ରସ୍ତୁତ କରିବା ଉଚିତ୍ ।

ନବିଙ୍କର ଯଦି ମୁଖାଲିଫତ୍ ନହୁଏ,ତାହେଲେ ବି ସେମାନେ ବ୍ୟତିବ୍ୟସ୍ତ ହୋଇଯାଇଥାନ୍ତି । କାରଣ ମୁଖାଲିଫତ୍ ହିଁ ଉନ୍ନତିର ଜରିଆ । ଯେମିତି କି ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି । ଏହି ବିଷୟବସ୍ତୁ ଉପରେ ଆଲୋଚନା କରି ହଜରତ୍ ମୁସଲେହ୍ ମଉଦ୍ ର ଅ ଗୋଟିଏ ସ୍ଥାନରେ କୁହନ୍ତି ଯେ ମିଶର ଦେଶର ହୁକୁମତ୍ ଗୋଟିଏ ସମୟରେ ବହୁତ ପ୍ରଶିଦ୍ଧ ହୁକୁମତ୍ ଥିଲା । ସେ ଦେଶର ସମ୍ରାଟ ନିଜ ଶକ୍ତି ଓ କ୍ଷମତା ଯୋଗୁଁ ବହୁତ ଗର୍ବିତ ଥିଲା । ଅର୍ଥାତ ସମ୍ରାଟ ଫିରୌନ୍ ସମୟର କଥା । ଏମିତି ସମ୍ରାଟ ସାମନାରେ ହଜରତ୍ ମୁସା ଆ ସ ଙ୍କର କୌଣସି ସ୍ଥିତି ହିଁ ନଥିଲା । କନ୍ତୁ ଏହା ସତ୍ୱେ ବି ଯେବେ ସେ ସମ୍ରାଟଙ୍କ ନିକଟକୁ ଗଲେ, ସମ୍ରାଟ ହଜରତ୍ ମୁସା ଆ ସ ଙ୍କୁ ଧମକ ଚମକ ଦେଲା ଓ ହଜରତ୍ ମୁସା ଆ ସ ଙ୍କ କୌମକୁ ଧ୍ୱଂସ କରିଦେବାକୁ ମନସ୍ଥ କରି କହିଲା ଯେ ଯଦି ତୁମେ ଏଥିରୁ ନିବୃତ ନରହିବ ତାହେଲେ ତୁମକୁ ବି ଧ୍ୱଂସ କରି ନିଶେଷ କରିଦିଆଯିବ ଓ ତୁମ କୌମକୁ ବି । କିନ୍ତୁ ହଜରତ୍ ମୁସା ଆ ସ ନିବୃତ ରହିଲେ ନାହିଁ ବରଂ ସେ କହିଲେ ଯେ ଯେଉଁ ବାର୍ତା ମତେ ଈଶ୍ୱର ଦେଇ ପ୍ରେରଣ କରିଛନ୍ତି ମୁଁ ତାହା ନିଶ୍ଚିତ ରୂପେ ପହଂଚାଇବି । ଦୁନିଆର କୌଣସି ଶକ୍ତି ମତେ ଏହା କରିବା ପାଇଁ ଅଟକାଇପାରିବ ନାହିଁ । ଏହି ଅବସ୍ଥା ହଜରତ୍ ଇସା ଆ ସ ଙ୍କର ଥିଲା । ଏହି ଅବସ୍ଥା ହଜରତ୍ ମୁହମ୍ମଦ୍ ସ ଆ ସ ଙ୍କର ଥିଲା । ହଜରତ୍ ମୁସଲେହ୍ ମଉଦ ର ଅ କହୁଛନ୍ତି ଯେ ଏବଂ ଏହି ଅବସ୍ଥା ହଜରତ୍ ମସିହ୍ ମଉଦ ଆ ସ ଙ୍କର ବି ଥିଲା । ସମଗ୍ର କୌମ୍ (ଜାତି)ହଜରତ୍ ମସିହ୍ ମଉଦ ଆ ସଙ୍କର ବିରୋଧ କରୁଥିଲା । ହୁକୁମତ୍ (ସରକାର)ବି ଗୋଟିଏ ରଙ୍ଗରେ ହଜରତ୍ ମସିହ୍ ମଉଦ ଆ ସଙ୍କର ବିରୋଧ କରୁଥିଲା,ଯଦିଓ ଶେଷ ସମୟରେ ହୁକୁମତର ବ୍ୟବହାର ଆଉ ସେମିତି ରହିଲା ନାହିଁ । ସେ ଯାହା ବି ହେଉ କୌମ୍‌ଗୁଡିକ ହଜରତ୍ ମସିହ୍ ମଉଦ ଆ ସଙ୍କର ବିରୋଧ କରୁଥିଲା । ସମଗ୍ର ଧର୍ମସମାଜ ଆପଣ ଆ ସ ଙ୍କୁ ବିରୋଧ କରୁଥିଲା । ମୌଲବୀମାନେ ଆପଣ ଆ ସ ଙ୍କ ବିରୋଧି ଥିଲେ । ଗଦ୍ଦିନଶିନ୍ ଆପଣ ଆ ସ ଙ୍କର ବିରୋଧି ଥିଲେ । ସର୍ବସାଧାରଣ ଆପଣ ଆ ସ ଙ୍କର ବିରୋଧି ଥିଲେ । ସେହିଭଳି ବିଶେଷ ଧନୀ ଶ୍ରେଣୀର ଲୋକମାନେ ବି ଆପଣ ଆ ସ ଙ୍କର ଶତୃ ହୋଇଯାଇଥିଲେ । ଅତେବ୍ ଚାରିପଟୁ ମୁଖାଲିଫତ୍‌ର ଗୋଟିଏ ତୁମ୍ଫି ତୋଫାନ୍ ପ୍ରବାହିତ ହୋଇଚାଲିଥିଲା । ଲୋକମାନେ ଆପଣ ଆ ସ ଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କଲେ ।

କିଛି ଲୋକେ ବନ୍ଧୁ ହୋଇ କହିଲେ ଯେ ଆପଣ ଆ ସ ନିଜ ଦାବିରେ କିଛିଟା କମ୍ କରିଦିଅନ୍ତୁ । ଆଉ କିଛି ଲୋକ କହିଲେ ଯେ ଯଦି ଆପଣ ଆ ସ ଅମୁକ ଓ ସମୁକ କଥାକୁ ଛାଡିଦିଅନ୍ତି ତାହେଲେ ସବୁ ଲୋକେ ଆପଣ ଆ ସ ଙ୍କ ଜମାଅତରେ ସାମିଲ ହୋଇଯିବେ । କିନ୍ତୁ ଆପଣ ଆ ସ ସେମାନଙ୍କର କୌଣସି କଥାକୁ ବି ପରୁଆ କଲେ ନାହିଁ ଏବଂ ସର୍ବଦା ନିଜର ଦାବିକୁ ଉପସ୍ଥାପନ କରିଚାଲିଲେ ଓ ଏଥିରେ କୋଳାହଳ ବି ହୋଇଚାଲିଲା ।

ମାଡ ପଡିଚାଲିଲା , ହତ୍ୟା ହୋଇଚାଲିଲେ କିନ୍ତୁ ଏହି ସମସ୍ତ ଦୁଃଖ କଷ୍ଟ ସହିବା ସତ୍ୱେ ବି ତଥା ଆପଣ ଆ ସ ଙ୍କର ମୁକାବିଲା ଏମିତି ଏକ ଦୁନିଆ ସହିତ ଥିଲା ଯାହା ସହିତ ଲଢିବାର କୌଣସିମତେ ବି ଆପଣ ଆ ସ ଙ୍କର ଶକ୍ତି ନଥିଲା ,ଏହାସବୁ ସତ୍ୱେ ବିଆପଣ ଆ ସ ସେହି ମୁକାବିଲାକୁ ଜାରି ରଖିଲେ । ବରଂ ମୋତେ ବହୁତ ଭଲଭାବରେ ମନେ ଅଛି ଯେ ମୁଁ ଅନେକ ଥର ହଜରତ୍ ମସହ୍ ମଉଦ୍ ଆ ସ ଙ୍କଠାରୁ ଶୁଣିଛି ଯେ ନବି ମାନଙ୍କର ଉଦାହରଣ ଏମିତି ହୋଇଥାଏ ଯେମିତି ଲୋକମାନେ କହିଥାନ୍ତି ଯେ ଗୋଟିଏ ଗାଁରେ ଜଣେ ପାଗଳ ମହିଳା ଥିଲେ , ସେ ଯେବେ ବାହାରକୁ ବାହାରୁଥିଲେ , ଛୋଟ ଛୋଟ ପିଲାମାନେ ଏକାଠି ହୋଇ ତାଙ୍କୁ ଛେଡିଦେଉଥିଲେ । ତାଙ୍କ ସହିତ ଥଟ୍ଟା ପରିହାସ କରୁଥିଲେ । ତାଙ୍କୁ ହଇରାଣ ହରକତ୍ କରୁଥିଲେ ଓ ଏମିତି ବାରମ୍ବାର କରୁଥିଲେ । ସେ ମଧ୍ୟ ପିଲାମାନଙ୍କୁ ପିଲାମାନଙ୍କ ଏପରି ବ୍ୟବହାରରେ ଗାଳିଗୁଲଜ କରୁଥିଲେ ଓ ଅଭିଷାପ ଦେଉଥିଲେ । ଶେଷରେ ଦିନେ ଗାଁର ଲୋକମାନେ ଆପୋଷରେ ପରାମର୍ଶ କଲେ ଯେ ଏହି ମହିଳାଜଣକ ଉପରେ ବହୁତ ଅତ୍ୟାଚାର ହେଉଅଛି ଓ ଆମପିଲାମାନେ ତାଙ୍କୁ ବିନାକାରଣରେ ହଇରାଣ ହରକତ୍ କରୁଛନ୍ତି । ତେଣୁ ଏପରି ଅତ୍ୟାଚାରିତ ଅବସ୍ଥାରେ ସେ ବି ପିଲାମାନଙ୍କୁ ଅଭିଷାପ ଦେଇଦେଉଛି । ଏମିତି କିଛି ନହେଉ କି ତାର ଏହି ଅଭିଷାପ ଦ୍ୱାରା କାଳେ କୌଣସି ଅଘଟଣ ଘଟିନଯାଉ । ତେଣୁ ଆମେମାନେ ଆମ ପିଲାମାନଙ୍କୁ ଏଥିରୁ ନିବୃତ ରଖିବା ଉଚିତ ଯଦ୍ୱାରା ନାତ ସେମାନେ ତାଙ୍କୁ ହହଇରାଣ ହରକତ୍ କରିବେ ଓ ନା ସେ ପିଲାମାନଙ୍କୁ ଅଭିଷାପ ଦେବ । ସୁତରାଂ ଏହି ପାରାମର୍ଶ କରିବା ପରେ ସେମାନେ ଏ ଫଇସିଲା କଲେ ଯେ କାଲିଠାରୁ ଗ୍ରାମବାସୀ ନିଜ ନିଜର ପିଲାମାନଙ୍କୁ ଘରେ ବନ୍ଦ କରି ରଖିବେ ଓ ପିଲାମାନଙ୍କୁ ବାହାରକୁ ଛାଡିବେ ନାହିଁ । ସୁତରାଂ ଦ୍ୱିତୀୟ ଦିନ ସବୁ ଲୋକେ ନିଜ ନିଜର ପିଲାଙ୍କୁ ଏକଥା କହିଦେଲେ ଯେ ଆଜିଠାରୁ

## ୧୨୭ ତମ ଜଲ୍ସା ସାଲାନା କାଦିଆନ୍

୧୨୭ ତମ ଜଲ୍ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍ଲାହ୍ ଓ୍ୱ ଇର୍ଶାଦ୍ ମର୍କଜିୟା କାଦିଆନ୍)*

ବାହାରକୁ ବାହାରିବ ନାହିଁ । ପୁଣି ଆଉଟିକିଏ ସତର୍କତା ଅବଲମ୍ବନ କରି ସେମାନେ ଘରର କବାଟକୁ ବାହାରୁ ଜଞ୍ଜିର ଲଗାଇଦେଲେ । ଯେବେ ସକାଳ ହେଲା ସେହି ପାଗଳ ମହିଳା ଜଣକ ସବୁଦିନ ପରି ନିଜ ଘରୁ ବାହାରିଲା । କିଛି ସମୟ ତ ସେ ଗଳି କନ୍ଦିରେ ଘୂରିବୁଲିଲା । କେବେ ଗୋଟିଏ ଗଳିକୁ ଯାଉଥିଲା ତ ଆଉ କେବେ ଅନ୍ୟ ଏକ ଗଳିକୁ ଯାଉଥିଲା । କିନ୍ତୁ ତାକୁ କୌଣସି ପିଲା ଦେଖାଗଲେ ନାହିଁ । ପ୍ରଥମେ ତା ଅବସ୍ଥା ଏପରି ଥିଲା ଯେ କୌଣସି ପିଲା ତା କାନୀକୁ ଧରି ଟାଣିଲାଣି ତ ଆଉକିଏ ଚିମୁଟିଦେଲାଣି । କେହିଜଣେ ତାକୁ ଧକା ଦେଲାଣି । କିଏ ତା ହାତରେ ଯାଇ ଲଟିକି ଗଲାଣି ତ ଆଉ କିଏ ତା ସହିତ ଥଟ୍ଟା ପରିହାସ କଲାଣି । କିନ୍ତୁ ଆଜି ତାକୁ କେହି ବି ଦିଶୁନାହାନ୍ତି । ଦିନ ଦ୍ୱିପ୍ରହର ପର୍ଯ୍ୟନ୍ତ ସେ ଅପେକ୍ଷା କଲା କିନ୍ତୁ ଯେବେ ଦେଖିଲା ଯେ ଏପର୍ଯ୍ୟନ୍ତ କୌଣସି ପିଲା ଘରୁ ବାହାରୁନାହାନ୍ତି,ତେଣୁ ସେ ଦୋକାନକୁ ଗଲା ଏବଂ ପତ୍ୟେକ ଦୋକାନକୁ ଯାଇ କହିଲା ଯେ କଣ ଆଜି ତୁମର ଘର ଭୁଷୁଡିଯାଇଛି ? କଣ ଆଜି ତୁମର ପିଲାମାନେ ମରିଗଲେ କି ? କଣ ହୋଇଯାଇଛି ଯେ ପିଲାମାନେ ଦେଖାଯାଉନାହାନ୍ତି ? କିଛି ସମୟ ଯେତେବେଳେ ସେହି ମହିଳା ଜଣକ ପତ୍ୟେକ ଦୋକାନରେ ଯାଇ ଏ ପ୍ରଶ୍ନ ପଚାରିଲା ସେତେବେଳେ ଲୋକମାନେ କହିଲେ ଯେ ଗାଳି ତ ଏମିତି ବି ମିଳୁଛି ଓ ସେ ଏବେ ବି ଅଭିଷାପ ଦେଉଅଛି । ପିଲାମାନେ ଯେବେ ତାକୁ ଛେଡୁଥିଲେ ସେତେବେଳେ ବି ସେ ଅଭିଷାପ ଦେଉଥିଲା । ତେଣୁ ପିଲାମାନଙ୍କୁ ବନ୍ଦକରି ରଖିବା ଅପେକ୍ଷା ବାହାରକୁ ବାହାର କରିଦେବା ଠିକ ହେବ । ହଜରତ୍ ମୁସଲେହ୍ ମଉଦ୍ ର ଅ କହିଲେ ଯେ :-ହଜରତ୍ ମସିହ୍ ମଉଦ୍ ଆ ସ ଏହି କାହାଣୀ ବର୍ଣ୍ଣନା କରି କହୁଥିଲେ ଯେ ଅମ୍ବିୟା(ଅବତାର ଓ ନବିମାନ)ଙ୍କର ଅବସ୍ଥା କିଛିଟା ଏହିପରି ହୋଇଥାଏ ଯେ ଏ ଦୁନିଆ ସେମାନଙ୍କ ସହିତ ଛେଡଖାନି କରିଥାଏ , ହଇରାଣ ହରକତ୍ କରିଥାଏ , ସେମାନଙ୍କ ଉପରେ ଜୁଲମ ଅତ୍ୟାଚାର କରିଥାଏ । ଏତେ ମାତ୍ରାରେ ଅତ୍ୟାଚାର କରିଥାଏ ଯେ ସେମାନଙ୍କ ପାଇଁ ଜୀବନ ଦୁର୍ବିଷହ ହୋଇଯାଏ ଏବଂ ଗୋଟିଏ ଗୋଷ୍ଠିର ହୃଦୟରେ ଏ ମନୋଭାବ ସୃଷ୍ଟି ଆରମ୍ଭ ହୋଇଯାଇଥାଏ ଯେ ଲୋକମାନେ ତାଙ୍କ ଉପରେ ଅତ୍ୟାଚାର ଉପରେ ଅତ୍ୟାଚାର କରିଚାଲିଛନ୍ତି । ଏମିତି କରିବା ଠିକ ନୁହେଁ । କିନ୍ତୁ ଅମ୍ବିୟାମାନେ ମଧ୍ୟ ଏ ଦୁନିଆକୁ ଛାଡିପାରିବେ ନାହିଁ । ଯେତେବେଳେ ଏ ଦୁନିଆ ସେମାନଙ୍କୁ ହଇରାଣ ହରକତ୍ କରେ ନାହିଁ ସେତେବେଳେ ସେମାନେ ନିଜେ ତାକୁ ଛେଡିଥାନ୍ତି ଓ ଜଗାଇଥାନ୍ତି । ବାର୍ତ୍ତା ଦେଇଥାନ୍ତି । କୌଣସି କଥା ବତାଇଥାନ୍ତି । ତବଲିଗ୍ ଆଡକୁ ଅଧିକରୁ ଅଧିକ ଧ୍ୟାନଆକର୍ଷଣ କରାଇଥାନ୍ତି । ଯଦ୍ୱାରା ଏ ଦୁନିଆ ସେମାନଙ୍କ ଆଡକୁ ଧ୍ୟାନଆକର୍ଷଣ କରିବ ଓ ସେମାନଙ୍କ କଥ ଶୁଣିବ । (ଉଦ୍ଧୃତାଂଶ ଖୁତବାତେ ମେହମୁଦ୍ , ଖ-୨୪ , ପୃ-୨୭୨-୨୭୪)

ପୁଣି ଅମ୍ବିୟାମାନଙ୍କ କଠୋର ପଦକ୍ଷେପ ନେବା ସମ୍ବନ୍ଧରେ କୁହାଯାଇଥାଏ ଯେ ସେମାନେ କାହିଁକି କଠୋରତା ଅବଲମ୍ବନ କରିଥାନ୍ତି ?

ସୁତରାଂ ଏ ବାବତରେ ହଜରତ୍ ମୁସଲେହ୍ ମଉଦ୍ ର ଅ କହିଛନ୍ତି ଯେ ଅମ୍ବିୟାମାନଙ୍କର କଠୋର ହେବା ସେମାନଙ୍କ ନିଜ ପାଇଁ ହୋଇନଥାଏ ବରଂ ଅଲ୍ଲାଃତାଲାଙ୍କ ସ୍ଥିତିକୁ କାଏମ୍ କରିବା ପାଇଁ ହୋଇଥାଏ । ଯଦି କେଉଁଠି କଠୋର ହେବାକୁ ପଡେ ତାହେଲେ କଠୋର୍ ହୋଇଥାନ୍ତି ଓ ସ୍ୱାଭିମାନୀ ହୋଇଥାନ୍ତି । କିନ୍ତୁ ନିଜ ସ୍ୱଭାବରେ ତ ସେମାନେ ବହୁତ ହି ବିନମ୍ର ହୋଇଥାନ୍ତି । ଏ ପ୍ରସଙ୍ଗରେ "ହଜରତ୍ ମସିହ୍ ମଉଦ୍ ଆ ସ ଙ୍କର ଗୋଟିଏ ଘଟଣା ମିଳିଥାଏ ଯେ ଏକଦା ଲାହୋରର ଗୋଟିଏ ଗଳିରେ କେହି ଜଣେ ଆପଣ ଆ ସ ଙ୍କୁ ଧକା ଦେଲା । ଆପଣ ଆ ସ ତଳେ ପଡିଗଲେ । ଏହା ଦେଖି ଆପଣ ଆ ସ ଙ୍କ ସାଥିମାନେ ଜୋଶ୍ ରେ ଆସିଗଲେ, ଏମିତି ଲାଗୁଥିଲା କାଳେ ଏମାନେ ସେହି ଲୋକଟିକୁ ମାରିପକାଇବେ । କିନ୍ତୁ ଆପଣ ଆ ସ କହିଲେ ଏହି ବ୍ୟକ୍ତି ଜଣକ ନିଜର ଜୋଶରେ ସତ୍ୟତାର ସମର୍ଥନ ନିମନ୍ତେ ଏପରି କରିଛି ।" ଏହି ଲୋକଟି ତ ମୌଲବୀମାନଙ୍କ କଥା ଶୁଣି ଶୁଣି ଏଇଆ ଭାବୁଛି ଯେ ମିର୍ଜା ସାହେବ୍ ବୋଧହୁଏ ମିଛ କହୁଛନ୍ତି । ତେଣୁ ମୁଁ ଏହାର ପ୍ରତିଶୋଧ ନେବି । ତେଣୁ ସେ ତ ସତ୍ୟପାଇଁ ହିଁ ଏମିତି କରିବସିଛି । "ତାକୁ କିଛି କୁହନାହିଁ । ସୁତରାଂ ଅମ୍ବିୟାଗଣ ନିଜପାଇଁ ଏକଥା କହିନଥାନ୍ତି ବରଂ ଖୁଦାତାଲାଙ୍କ ସମ୍ମାନ ସ୍ଥାପନ ପାଇଁ କହିଥାନ୍ତି ।

ତେଣୁ ଏକଥା ଭାବିବା ଠିକ୍ ନୁହେଁ ଯେ ଖୁଦାତାଲାଙ୍କ ନବି ମଧ୍ୟ ଏପରି କରିଥାନ୍ତି ।"ଅର୍ଥାତ ଯଦି ସେମାନେ କଠୋରତା ଅବଲମ୍ବନ କରନ୍ତି "ଏମାନଙ୍କ ମଧ୍ୟରେ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ବହୁତ ଅନ୍ତର ଥାଏ । ଏମାନେ ଖୁଦାତାଲାଙ୍କ ପାଇଁ କରିଥାନ୍ତି ଓ ସାଧାରଣ ଲୋକମାନେ ନିଜ ପାଇଁ କରିଥାନ୍ତି । ସୁତରାଂ ଯଦି କୌଣସି ଲୋକକୁ ଏହାର ଅନୁଭବ ହୋଇଯାଏ ।" ପୁଣି ହଜରତ୍ ମୁସଲେହ ମଉଦ୍ ର ଅ ଆଗକୁ ଉପଦେଶ ଦେଇ କହିଲେ ଯେ "ମୁଁ ପ୍ରକୃତରେ ଦୃବଳ । ସୁତରାଂ ଏପରି ଲୋକ ପଥଭ୍ରଷ୍ଟ ହୋଇପାରିବ ନାହିଁ ।"ସେ ନିଜର ଦୃବଳତା ପ୍ରତି ଧ୍ୟାନ ରଖିବ ଓ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଚାହିଁବ । "ମଣିଷ ସେତେବେଳେ ପଥଭ୍ରଷ୍ଟ ହୋଇଥାଏ ଯେବେ ସେ ଏ ବିଶ୍ୱାସ ରଖିଥାଏ ଯେ ମୁଁ ହକରେ ଅଛି । "ଓ ପୁଣି ସେଥିରେ ଗର୍ବ ବି କରିଥାଏ ।

ଅତଏବ ଆମକୁ ଅମ୍ବିୟାମାନଙ୍କ ଆଦର୍ଶକୁ ଅନୁସରଣ କରି ସଦା ସର୍ବଦା ବିନମ୍ରତାର ପରିପ୍ରକାଶ କରିବା ଉଚିତ୍ ଓ ଏହା ହିଁ ପାପରୁ ବଂଚିବାର ଜରିଆ ଅଟେ ।

ଏ ସମ୍ବନ୍ଧରତେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ର ଗୋଟିଏ ହୱାଲା ଅଛି । " ହଜରତ୍ ମସିହ୍ ମଉଦ୍ ଆ ସ ହଜରତ ମାଓ୍ୱିୟାଙ୍କ ନମାଜ ବିଷୟରେ କୁହନ୍ତି ଯେ ତାଙ୍କର ଏକଦା ଫଜର୍ ନମାଜ୍ କଜା ହୋଇଗଲା । କିନ୍ତୁ ସେ ସେହି ଭୂଲପାଇଁ ତଳେ ପଡିଲେ ନାହିଁ ବରଂ ଉନ୍ନତି କରିଲେ ।" ଶୈତାନ୍ ତାଙ୍କ ଉପରେ କାବୁ ପାଇଲା ନାହିଁ । ବରଂ ସେ ଅଲ୍ଲାଃଙ୍କ ସମିପତା ହାସଲ କରିବା ପାଇଁ ଚେଷ୍ଟା କଲେ । "ସୁତରାଂ ଯିଏ ପାପକୁ ଅନୁଭବ କରିଥାଏ ସେ ହିଁ ପାପରୁ ବଂଚିଥାଏ । ଯଦି ପାପର ଅନୁଭବ ହୁଏନାହିଁ ତାହେଲେ ମଣିଷ ପାପରେ ହିଁ ଲିପ୍ତ ହୋଇଯାଏ । ତେଣୁ ଜଣେ ମୋମିନ୍ (ବିଶ୍ୱାସକାରୀ)କୁ ଏହଦେନସ୍ ସିରାତଲ୍ ମୁସତକୀମ୍ ଉପରେ ଚିନ୍ତା କରିବା ଉଚିତ୍ । ଏବଂ ଏକଥା ବୁଝିବା ଉଚିତ ଯେ ସେ ବିପଦରୁ ସୁରକ୍ଷିତ ନାହି । ସେ କେବଳ ସେତେବେଳେ ହିଁ ସୁରକ୍ଷିତ ରହିପାରିବ ଯେତେବେଳେ ସେ ଖୁଦାଙ୍କ ଆବାଜ୍ ରେ କହିଦେବ । ତେଣୁ ମଣିଷକୁ ନିଜ ଦୃବଳତାର ହିସାବ ନିସାବ କରିବା ଉଚିତ । ଏହିପରିକା ଲୋକପାଇଁ ଆଧ୍ୟାତ୍ମିକତାର ମାର୍ଗ ଖୋଲିଯାଇଥାଏ ।" ଅର୍ଥାତ ଯିଏ ନିଜର ହିସାବ ନିକାସ କରିଥାଏ । "ଯିଏ ଏପରି କରେ ନାହିଁ ତାପାଇଁ ଆଧ୍ୟାତ୍ମିକତାର ମାର୍ଗ ବନ୍ଦ ହୋଇଯାଏ ଓ ଏପରି ଲୋକ ପଥଭ୍ରଷ୍ଟ ହୋଇଥାଏ ।" (ଖୁତବାତେ ମେହମୁଦ୍ , ଖ-୧୮, ପୃ-୧୪୧-୧୪୨)

ସୁତରାଂ ଏ ବାବତରେ ହଜରତ୍ ମୁସଲେହ୍ ମଉଦ୍ ର ଅ ଗୋଟିଏ ସ୍ଥାନରେ କହିଛନ୍ତି ଯେ "ଧାର୍ମିକ ପ୍ରସଙ୍ଗ ହେଉ ବା ସାଂସାରିକ ପ୍ରସଂଗ, ବିନା କୌଣସି ପରିଶ୍ରମରେ କେହି ବି ମଣିଷ ମାନ ସମ୍ମାନ ପାଇପାରେନାହିଁ । ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି ଯେ ଆମ ଯୁଗରେ ଖୁଦାତାଲା ସମସ୍ତ ମାନସମ୍ମାନ ଆମ ସହିତ ଯୋଡିଦେଇଛନ୍ତି । ଏବେ ଇଜ୍ଜତ୍ ଆମ ଶିଶ୍ୟମାନେ ପାଇବେ ଅଥବା ଆମ ବିରୋଧିମାନେ ପାଇବେ ।"

ଏବେ ମାନସମ୍ମାନ ଓ ଇଜ୍ଜତ୍ ପାଉଥିବା ଲୋକମାନଙ୍କୁ ଦେଖିନିଅ । ଦେଖିବେ ସେହି ଲୋକମାନେ ଇଜ୍ଜତ୍ର ହକଦାର୍ ହେବେ ଯେଉଁମାନେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମାନୁଛନ୍ତି ବା ଯେଉଁମାନେ ମୁଖାଲିଫତ (ବିରୋଧ)କରୁଛନ୍ତି । ଧାର୍ମିକ ଦୃଷ୍ଟିକୋଣରୁ ଯେଉଁମାନେ ନିଜକୁ ବିରୋଧି ଭାବୁଛନ୍ତି । ପୁଣି ହଜରତ୍ ମୁସଲେହ୍ ମଉଦ୍ ର ଅ କହିଛନ୍ତି "ହଜରତ୍ ମସିହ୍ ମଉଦ୍ ଆ ସ କହୁଥିଲେ ଯେ "ମୌଲବୀ ସନାଉଲ୍ଲାଃ ସାହେବ୍ ଙ୍କୁ ଦେଖିନିଅ ସେ ଜଣେ ବଡ ପାହ୍ୟାର ମୌଲବୀ ନୁହନ୍ତି । ତାଙ୍କପରିକା ହଜାର୍ ହଜାର୍ ମୌଲବୀ ପଞ୍ଜାବ ତଥା ସମଗ୍ର ହିନ୍ଦୁସ୍ତାନରେ ମିଳିଥାନ୍ତି । ଯଦି ତାଙ୍କୁ କୌଣସି ମାନ ସମ୍ମାନ ମିଳିଛି ତାହେଲେ ତାହା କେବଳ ଆମ ମୁଖାଲିଫତ୍ ଯୋଗୁଁ । ସେମାନେ ଏକଥାକୁ ସ୍ୱୀକାର କରନ୍ତୁ ବା ନକରନ୍ତୁ । କିନ୍ତୁ ପ୍ରକୃତ କଥା ହେଉଛି ଏହା କି ଆଜି ଆମ ମୁଖାଲିଫତ୍ ଯୋଗୁଁ ସେମାନଙ୍କର ଇଜ୍ଜତ ରହିଛି ବା ଆମ ସମର୍ଥନରେ ଇଜ୍ଜତ ରହିଛି । ଅର୍ଥାତ ଅସଲ କେନ୍ଦ୍ରୀୟ ଅସ୍ତିତ୍ୱ ହେଉଛି ଆମର ହିଁ ଅସ୍ତିତ୍ୱ । ଏବଂ ଯଦି ବିରୋଧିମାନଙ୍କୁ କିଛି ସମ୍ମାନ ମିଳୁଥାଏ ତାହେଲେ ଏହା ବି ଆମ ଯୋଗୁଁ ।"ମିଳିଥାଏ । (ତଫ୍ସୀର୍ କବୀର୍,ଖ-୮,ପୃ-୬୧୪)

ହଜୁର୍ ଅନଓ୍ୱର୍ ଅ ବ ଅ କହିଲେ : ଏହି କଥା ଆଜି ବି ଆମେ ଦେଖିଥାଉଁ । ଯଦି ମୌଲବୀମାନଙ୍କର ରୁଟି ପାଣି ଚାଲିଛି ବା ସେମାନଙ୍କୁ ଚଉକି ମିଳିଛି ତାହେଲେ କେବଳ ଏଇଥିପାଇଁ କି ସେମାନେ ଅହେମଦୀୟତ୍ର ବିରୋଧ କରୁଛନ୍ତି । ଏବେ ତ ରାଜନେତାମାନେ ମଧ୍ୟ ଅହେମଦୀୟତ୍ର ବିରୋଧ କରିବା ଯୋଗୁଁ ନିଜର ରାଜନିତୀକୁ ଚମକାଇବା ପାଇଁ ଚେଷ୍ଟା ଚଳାଇଛନ୍ତି ଯଦ୍ୱାରା ସେମାନଙ୍କର ଚଉକି କାଏମ୍ ରହିବ । ବିଶେଷ ଭାବରେ ପାକିସ୍ତାନରେ ଏମିତି ଚାଲିଛି ।

ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଖିଲାପରେ ଯେଉଁ ଷଡଯନ୍ତ୍ର ରଚନା କରାଯାଇଥିଲା, ସେ ସମ୍ବନ୍ଧରେ ଚର୍ଚ୍ଚା କରି କୁହନ୍ତି ଯେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଖିଲାପରେ ବି ଲୋକମାନେ ବଡ ବଡ ଷଡଯନ୍ତ୍ର ରଚନା କରିଛନ୍ତି । ହତ୍ୟାକାଣ୍ଡ ଭିଆଇବାର ମୋକଦ୍ଦମା ଲଗାଗଲା କିନ୍ତୁ ଅଲ୍ଲାଃତାଲା ସର୍ବଦା ବିରୋଧିମାନଙ୍କୁ ନିଜ ଉଦ୍ଦେଶ୍ୟରେ ସଫଳ ହେବାକୁ ଦେଲେନାହିଁ । ଏହିପରି ଏକ ମକଦ୍ଦମା ହତ୍ୟା କରିବା ପାଇଁ ଚେଷ୍ଟା କରିଥିବା ଅଭିଯୋଗରେ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଖିଲାପରେ ସାକ୍ଷ୍ୟ ଦେବାପାଇଁ ଅଦାଲତରେ ପହଂଚିଲା । ସେ ଏ ଆଶାନେଇ ଆସିଥିଲା ଯେ ଯଦି ମିର୍ଜା ସାହେବଙ୍କୁ ହାତକଡି ନଲାଗିଥିବ ତାହେଲେ ସେ ନଉଜୁବିଲ୍ଲାଃ ଅଦାଲତରେ ଅପମାନିତ ହୋଇ ଛିଡାହେବେ । କାରଣ ସେହି ଡେପୁଟି କମିଶନର୍ ଯାହାଙ୍କ ସମ୍ମୁଖରେ ଆମ ମୋକଦ୍ଦମା ପେଶି ଚାଲିଥିଲା,ସେ ଆମର ଭିଷଣ ବିରୋଧି ଥିଲା ଏବଂ ସେ ଏହି ଜିଲ୍ଲାରେ ମୃତୟନ ହେବା ସମୟରେ ଏକଥା କହିଥିଲା ଯେ ହଜରତ୍ ମସିହ୍ ମଉଦ୍ ଆ ସ ଯିଏ ଆମ ଈଶୁ ମସିହଙ୍କୁ ଅପମାନିତ କରୁଛନ୍ତି ଓ ଏହା ବି କହୁଛନ୍ତି ଯେ ଆମ ଯଶୁ ମସିହ୍ ମୃତ୍ୟୁ ବରଣ କରିସାରିଛନ୍ତି ,ସେ ଏପର୍ଯ୍ୟନ୍ତ ବଂଚିକି ରହିଛି ! ତାକୁ କାହିଁକି ଦଣ୍ଡ ମିଳୁନାହିଁ ? ମୁଁ ଏବେ ତାକୁ ଦଣ୍ଡ ଦେବି । କିନ୍ତୁ ଯେବେ ହଜରତ୍ ମସିହ୍ ମଉଦ୍ ଆ ସ ତା ସାମନାରେ ଉପସ୍ଥିତ ହେଲେ, ଅଲ୍ଲାଃତାଲା ଏମିତି ଚମତ୍କାର କଲେ ଯେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଚେହେରା ଦେଖିବା କ୍ଷଣି ହିଁ ତାର ସମସ୍ତ ବିଦ୍ୱେଷଭାବ ଉଭେଇଗଲା ଓ ସେ ନିଜଆଡୁ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ବସିବା ନମନ୍ତେ ଚଉକି ଯୋଗାଇଦେଲା । ହଜରତ୍ ମସିହ୍ ମଉଦ୍ ଆ ସ ସେହି ଚଉକିରେ ବସିଗଲେ । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି ଯିଏ କେବଳ ଏଇଥିପାଇଁ ଆସିଥିଲା ଯେ ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ

**ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ଅପମାନିତ ହେବାର ଦେଖିପାରିବ । ସେ ଯେବେ ଏକଥା ଦେଖିଲା ଯେ ହଜରତ୍ ମସିହ୍ ମଉଦ୍ ଆ ସ ଚଉକି ଉପରେ ବସିଛନ୍ତି , ଏହା ଦେଖି ସେ ବରଦାସ୍ତ କରିପାରିଲା ନାହିଁ । ତେଣୁ ସେ କ୍ୟାପଟେନ୍ ଡଗଲାସ୍ ଡେପୁଟି କମିଶନର୍ ଙ୍କୁ ନିବେଦନ କଲା ଯେ ମତେ ବି ଚଉକି ଦିଆଯାଉ । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି ଏକଥା ଭାବିଲା ଯେ ଯେବେ ଦୋଷିପାଇଁ ଚଉକି ବିଛାଇଦିଆଯାଉଅଛି ତାହେଲେ ସାକ୍ଷ୍ୟ ଦେବାପାଇଁ ଆସିଥିବା ଲୋକକୁ କାହିଁକି ଚଉକି ମିଳିବ ନାହିଁ । କିନ୍ତୁ କ୍ୟାପଟେନ୍ ଡଗଲାସ୍ ଡେପୁଟି କମିଶନର୍ ଯେବେ ଏକଥା ଶୁଣିଲା ସେ ରାଗିଗଲା । ସୁତରାଂ ସେ କ୍ରୋଧିତ ହୋଇ କହିଲା ଯେ ତତେ ଚଉକି ମିଳିବ ନାହିଁ । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି କହିଲେ ମୋ ବାପାଙ୍କୁ ଲର୍ଡ ସାହେବଙ୍କ ଦରବାରରେ ବସିବକୁ ଚଉକି ଦିଆଯାଉଥିଲା । ତେଣୁ ମତେ ବି ଚଉକି ଦିଆଯାଉ । ମୁଁ ଅହଲେ ହଦିସର ଓକିଲ , ମୋର ଏ ଅଧିକାର ଅଛି ଯେ ମତେ ଚଉକି ମିଳୁ । ଏକଥା ଶୁଣି କ୍ୟାପଟେନ୍ ଡଗଲାସ୍ ଡେପୁଟି କମିଶନର୍ କହିଲେ ଯେ ଅଧିକ ବକବକ୍ ହୁଅନାହିଁ । ପଛକୁ ଯାଇ ଚୁପଚାପ୍ ଛିଡାହୋଇଯାଅ । ଏବେ ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ଅପମାନିତ ହେବାର ଦେଖିବାକୁ ଆସିଥିଲା କିନ୍ତୁ ଖୁଦାତାଲା ତାକୁ ହିଁ ଅପମାନିତ କରିଦେଲେ । ଏକଥାତ ଅଦାଲତ ଭିତରେ ଥିବା କୋଠରି କଥା । କିନ୍ତୁ ଯେବେ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି ବାହାରକୁ ଆସିଲା ସେତେବେଳେ ଲୋକମାନଙ୍କୁ ଏହା ଦେଖାଇବା ପାଇଁ , ଯେ ସତେ ଯେପରି ଅଦାଲତ ଭିତରେ ତାକୁ ଚଉକି ମିଳିଥିଲା , ବାରଣ୍ଡାରେ ଗୋଟିଏ ଚଉକି ପଡିଥିଲା , ତାଉପରେ ବସିପଡିଲେ । କିନ୍ତୁ ଯେହେତୁ ଚାକର ତାହା ହିଁ କରିଥାଏ ଯାହା ସେ ତା ମାଲିକକୁ କରୁଥିବାର ଦେଖିଥାଏ । ସୁତରାଂ ଚପରାସି ଯେବେ ଦେଖିଲା ଯେ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱିଙ୍କୁ ଅଦାଲତ ଭିତରେ ତ କୌଣସି ଚଉକି ମିଳିନଥିଲା ତେଣୁ ସେ ବାରଣ୍ଡାରେ ଆସି ବସି ପଡିଲା । ତେଣୁ ତାକୁ ଏ ଖିଆଲ ଆସିଲା ଯେ ଯଦି ସାହେବ୍ ବାହାଦୁର୍ ଏହା ଦେଖିନିଅନ୍ତି ତାହେଲେ ସେ ମୋ ଉପରେ ନାରାଜ୍ ହୋଇଯିବେ । ତେଣୁ ସେ ଦଉଡି ଆସି କହିଲା ଯେ ଆପଣକୁ ଏଠରେ ବସିବାର ହକ୍ ନାହିଁ । ଉଠିଯାଅ । ଏହିପରି ଅଦାଲତ ବାହାରେ ଥିବା ଲୋକମାନେ ଦେଖିନେଲେ ଯେ ମୌଲବୀ ସାହେବ ଅଦାଲତରେ କେତେ ମାତ୍ରାରେ ବେଇଜତ୍ ଓ ଅପମାନିତ ହୋଇଛନ୍ତି । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁଓ୍ୱି ଏଥିରେ ଘୋର ଅପମାନିତ ହୋଇ କ୍ରୋଧରେ ଜର୍ଜରିତ ଆଗକୁ ଚାଲିଗଲେ । କେହି ଜଣେ ଭୂଇଁ ଉପରେ ଚାଦର ବଛାଇଥିଲେ ସୁତରାଂ ସେ ସେଥିରେ ବସିପଡିଲେ । କିନ୍ତୁ ବଡ ଦୁଃଖର କଥା ଯେ ଚାଦର ବିଛାଇଥିବା ଲୋକଟି ଆସେ ପହଂଚିଲା ଓ କହିଲା ଯେ ମୋ ଚାଦର ଉପରୁ ଉଠିଯାଅ । ତୁମର ଆ ଉପରେ ବସିଲେ ଏହା ଅସନା ହେବ । କାରଣ ତୁମେ ଜଣେ ମୁସଲମାନ୍ ବିରୁଦ୍ଧରେ ଅଦାଲତରେ ଆସି ଇସାଇମାନଙ୍କ ସପକ୍ଷରେ ସାକ୍ଷ୍ୟ ଦେଉଅଛ । ତେଣୁ ମନେ ରଖ ଯେ ଅଲ୍ଲାଃତାଲାଙ୍କ ତରଫରୁ ଯେବେ ସାହାଯ୍ୟ ଆସିଥାଏ ସେତେବେଳେ କୌଣସି ଲୋକ ତାହାକୁ ରୋକିପାରିବ ନାହିଁ ।

ପୋଲିସ ଅଫିସର୍ ତଥା ସିପାହୀ କଣ ବଡରୁ ବଡ ଲୋକର ବି ଜୀବନର କୌଣସି ଭରଷା ନାହିଁ । ଗୋଟିଏ ସେକେଣ୍ଡରେ ଅଲ୍ଲାଃତାଲା ଶତ୍ରୁର ବିନାଶ କରିପାରେ । ତେଣୁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ରହିବା ଉଚିତ ଏବଂ ତାହାଠାରୁ ହିଁ ସାହାଯ୍ୟ ପାଇବା ପାଇଁ ପ୍ରାର୍ଥନା କର । ମୋମିନ (ଈଶ୍ୱରବିଶ୍ୱାସୀ)ମାନଙ୍କ ପାଇଁ ପରିକ୍ଷା ଆସିବା ବି ବିଧିର ବିଧାନ । ତେଣୁ ଯଦି ଧୈର୍ଯ୍ୟ ରକ୍ଷାକରି କାମ କରିବ ଓ ଦୁଆ କରିବ ତାହେଲେ ଅଲ୍ଲାଃତାଲା ସେହି ପରିକ୍ଷାକୁ (ସେହି ସମସ୍ତ ବିପଦ ଆପଦକୁ)ବି ଦୂରକରିଦେବେ । (ଖୁତବାତେ ମେହମୁଦ୍ ଖ-୧୫ ପୃ-୧୮୪-୧୮୬)

ହଜରତ୍ ମସିହ୍ ମଉଦ୍ ଆ ସ ଏବଂ ଇସାଇମାନଙ୍କ ମଧ୍ୟରେ ଗୋଟିଏ ମୁବାହିସା (ଅର୍ଥାତ ତଥ୍ୟପୂର୍ଣ୍ଣ ଡିବେଟ୍) ହୋଇଥିଲା । ସେହି ଘଟଣା ର ସମ୍ପୂର୍ଣ୍ଣ ବିବରଣୀ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପୁସ୍ତକ ଜଙ୍ଗେ ମୋକଦ୍ଦସରେ ଉଲ୍ଲେଖ କରାଯାଇଅଛି । ଏହି ମୁବାହିସା ସମ୍ବନ୍ଧରେ ହଜରତ୍ ମୁସଲେହ୍ ମଉଦ୍ ର ଅ ଗୋଟିଏ ଖୁତବାରେ ଖଲିଫା ଅଓ୍ୱଲ୍ଙ୍କ ପ୍ରସଙ୍ଗରେ କହିଛନ୍ତି ଯେ ହଜରତ୍ ଖଲିଫା ଅଓ୍ୱଲ୍ କହୁଥିଲେ ଆଥମର ମୁବାହିସାରେ ଆମେ ଯେଉଁ ଦୃଶ୍ୟ ଦେଖିଲୁ ତାହା ଦେଖି ଆମ ବୁଦ୍ଧି ବଣା ହୋଇଗଲା । ପୁଣି ତାପରେ ଆମ ଇମାନ(ବିଶ୍ୱାସ)ଆକାଶରେ ପହଂଚିଗଲା । ହଜରତ୍ ଖଲିଫା ଅଓ୍ୱଲ୍ ର ଅ କହୁଥିଲେ ଯେ ଯେବେ ଇସାଇମାନେ ଏହି ମୁବାହିସାରେ ଥକିଗଲେ ଓ ସେମାନେ ଏହା ଜାଣିଗଲେ ଯେ ଏବେ ଆମର କିଛି ଦାଓ ଚାଲିବ ନାହିଁ , ଏଥିରେ ସେମାନେ କିଛି ମିସଲମାନଙ୍କୁ ନିଜ ସାଙ୍ଗରେ ସାମିଲ କରି ଥଟ୍ଟା ପରିହାସ କରିବା ନିମନ୍ତେ ଏ ଦୁଷ୍ଟାମି କଲେ ଯେ କିଛି ଅନ୍ଧ, କିଛି କାଲ , କିଛି ଛୋଟା ଏବଂ କିଛି ଅପଙ୍ଗ ଲୋକଙ୍କୁ ଡାକିଆଣିଲେ ଓ ସେମାନଙ୍କୁ ମୁବାହିସା ପୂର୍ବରୁ ଗୋଟିଏ କୋଣରେ ନେଇ ବସାଇଦେଲେ । ଯେବେ ହଜରତ୍ ମସିହ୍ ମଉଦ୍ ଆ ସ ପଧାରିଲେ, ଝଟପଟ ସେମାନେ ସେହି ଅନ୍ଧ,କାଲ,ଛୋଟା ଓ ଅପଙ୍ଗମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସାମନାରେ ପେଶ୍ କରିଦେଲେ ଏବଂ କହିଲେ ଯେ କଥାରେ ଝଗଡାର ସମାଧାନ ହୁଏନାହିଁ । ଆପଣ କହୁଛନ୍ତି ଯେ ମୁଁ ମସିହ୍ ନାସିରୀଙ୍କ ମସିଲ୍ (ଅର୍ଥାତ ଅନୁରୂପ)। ମସିହ୍ ନାସିରୀ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତିଦେଉଥିଲେ । କାଲମାନଙ୍କୁ ଶ୍ରବଣଶକ୍ତି ଦେଉଥିଲେ । ଛୋଟା କେମ୍ପାମାନଙ୍କ ହାତଗୋଡ ଠିକ୍ କରିଦେଉଥିଲେ । ମସିହ୍ ନାସିରୀ ତ ଏପରି କରୁଥିଲେ ,ତେଣୁ ଆମେମାନେ ଆପଣଙ୍କୁ କଷ୍ଟରୁ ବଂଚାଇବାକୁ ଯାଇ ବର୍ତମାନ କିଛି ଅନ୍ଧ, କିଛି କାଲ , କିଛି ଛୋଟା ଏବଂ କିଛି କେମ୍ପା ଲୋକଙ୍କୁ ଡାକିଆଣିଛୁ । ଯଦି ଆପଣ ପ୍ରକୃତରେ ମସିଲେ ମସିହ୍ ଅଟନ୍ତି ତାହେଲେ ଏମାନଙ୍କୁ ଠିକ୍ କରି ଦେଖାଇଦିଅନ୍ତୁ । ଖଲିଫା ଅଓ୍ୱଲ୍ କହୁଥିଲେ ଯେ ଆମେମାନେ ସେଠାରେ ବସିଥିଲୁଁ ଓ ଆମମାନଙ୍କର ମନ ଏକଥା ଶୁଣି ଦବିଗଲା । ଯଦିଓ ଆମେ ଏକଥାକୁ ସାଧାରଣ ଭାବୁଥିଲୁଁ କାରଣ ଯେଉଁ କଥାକୁ ମସିହ୍ ନାସିରୀଙ୍କ ପାଇଁ କୁହାଯାଉଥିଲା ସେକଥାର କୌଣସି ବାସ୍ତବତା ହିଁ ନଥିଲା । କିନ୍ତୁ ପୁଣି ବି ଆମ ମନ ଦବିଯାଉଥିଲା । ଆମେ ଏକଥାରେ ବ୍ୟତିବ୍ୟସ୍ତ ହୋଇପଡିଲୁଁ ଯେ ଆଜି ଏହି ଲୋକମାନଙ୍କୁ ଥଟ୍ଟା ପରିହାସ କରିବାର ଅବସର ମିଳିଯିବ । କିନ୍ତୁ ଯେତେବେଳେ ଆମେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଚେହେରାକୁ ଦେଖିଲୁଁ , ଆପଣ ଆ ସଙ୍କ ଚେହେରାରେ କୌଣସି ପ୍ରକାରର ନାପସନ୍ଦ ବା ବ୍ୟତିବ୍ୟସ୍ତତାର ଚିହ୍ନ ବର୍ଣ୍ଣ ନଥିଲା । ଯେବେ ସେମାନେ କଥା ଶେଷ କରିଲେ,ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଦେଖନ୍ତୁ ପାଦ୍ରୀ ସାହେବ୍ ! ମୁଁ ଯେଉଁ ମସିହ୍ ଙ୍କ ମସିଲ୍ ହେବାର ଦାବି କରିଛି ତାହା ଇସଲାମର ଶିକ୍ଷା ମୁତାବକ , ସେ ଏହି ପ୍ରକାରର ଅନ୍ଧ, କିଛି କାଲ ତଥା ଛୋଟାକେମ୍ପା ମାନଙ୍କୁ ଠିକ୍ କରୁନଥିଲେ । କିନ୍ତୁ ଆପଣମାନଙ୍କର ଏ ବିଶ୍ୱାସ ଓ ଆସ୍ଥା ରହିଛି ଯେ ମସିହ୍ ଶାରିରୀକ ଅନ୍ଧ,କାଲ ଓ ଛୋଟାକେମ୍ପା ମାନଙ୍କୁ ଠିକ୍ କରୁଥିଲେ । ଆପଣମାନଙ୍କ ପୁସ୍ତକରେ ଏହା ବି ଉଲ୍ଲେଖ ରହିଛି ଯେ ଯଦି ତୁମମାନଙ୍କ ଭିତରେ ଗୋଟିଏ ଅଣୁ ଆକାରର ବି ଇମାନ୍ (ବିଶ୍ୱାସ)ଥାଏ, ତୁମେ ଯଦି ପାହାଡକୁ ମଧ୍ୟ ଏହା କହିଦେବ ଯେ ଏଠାରୁ ଉଠି ସେଠାକୁ ଚାଲିଯାଅ ତାହେଲେ ସେ ଚାଲିଯିବ ଓ ଯଦି ତୁମେମାନେ ରୋଗୀମାନଙ୍କ ଉପରେ ହାତ ରଖିଦେବ ତାହେଲେ ସେମାନେ ଠିକ ହୋଇଯିବେ । ତେଣୁ ଏ ପ୍ରଶ୍ନ ମତେ କରାଯାଇପାରିବ ନାହିଁ । ମୁଁ ତ ସେହି ଚମତ୍କାର ଦେଖାଇପାରିବି ଯାହାକୁ ମୋ ଆକା (ମୁନୀବ)ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସ ଦେଖାଇଥିଲେ । ସୁତରାଂ ଆପଣମାନେ ସେହି ଐଶୀ ଚମତ୍କାର ଦେଖିବାକୁ ଇଛା କରନ୍ତୁ , ମୁଁ ତାହା ଦେଖାଇବାକୁ ପ୍ରସ୍ତୁତ ଅଛି । ବାକି ରହିଲା ଏହି ପ୍ରକାରର ଐଶି ଚମତ୍କାର , ଏହା ତ ଆପଣମାନଙ୍କ ପୁସ୍ତକରେ ବତାଇଦିଆଯାଇଅଛି ଯେ , ପତ୍ୟେକ ଇସାଇ ଯିଏ ଗୋଟିଏ ଶୋରିଷଟାକର ଇମାନ୍ ରଖିଥିବ ସେ ଏହିପରି ଐଶି ଚମତ୍କାର ଦେଖାଇପାରିବ ଯେମିତି ଐଶି ଚମତ୍କାର ମସିହ୍ ନାସିରୀ ଦେଖାଇଥିଲେ । ତେଣୁ ଆପଣମାନେ ବହୁତ ଭଲ କାମ କରିଛନ୍ତି ଯେ ଆମକୁ କଷ୍ଟରୁ ବଂଚାଇଦେଲେ ଓ ଏହି ଅନ୍ଧ, କାଲ , ଛୋଟା ଏବଂ କେମ୍ପା ଲୋକମାନଙ୍କୁ ଏକାଠି କରିଦେଲେ । ଏବେ ଏହି ଅନ୍ଧ, କାଲ ଓ ଛୋଟାକେମ୍ପାମାନେ ଏଠାରେ ଉପସ୍ଥିତ ଅଛନ୍ତି , ଯଦି ଆପଣମାନଙ୍କ ମଧ୍ୟରେ ଗୋଟିଏ ଶୋରିଷ ଦାନା ଶଦୃସ ବି ଇମାନ ଥାଏ ତାହେଲେ ଏମାନଙ୍କୁ ଠିକ୍ କରି ଦେଖାଇଦିଅ । ହଜରତ୍ ଖଲିଫା ଅଓ୍ୱଲ୍ ର ଅ କହୁଥିଲେ ଯେ ଆମେମାନେ ଦେଖିଲୁଁ ଯେ ଏହି ଉତର ଶୁଣି ପାଦ୍ରୀମାନଙ୍କର ଅବସ୍ଥା ଏମିତି ହୋଇଗଲା ଯେ ସେମାନଙ୍କ ବଡ ବଡ ପାଦ୍ରୀ ସେହି ଅନ୍ଧ, କାଲ ଓ ଛୋଟାକେମ୍ପାମାନଙ୍କୁ ଟାଣି ଟାଣିକି ସେଠାରୁ ବାହାର କରୁଥିଲେ । ଅତେବ ଅଲ୍ଲାଃତାଲା ନିଜ ନିକଟତର ଲୋକମାନଙ୍କୁ ପ୍ରତ୍ୟେକ ଅବସରରେ ସମ୍ମାନ ଓ ଇଜ୍ଜତ ଦେଇଥାଏ ଓ ସେମାନଙ୍କୁ ଏଭଳି ଉତର ବୁଝାଇଦେଇଥାଏ ଯେ ଯାହାକୁ ଶୁଣି ବିରୋଧିମାନେ ସମ୍ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଯାଏ । (ଖୁତବାତେ ମେହମୁଦ୍ ଖ-୨୩ ପୃ-୮୮-୮୯)

ସିଆଲକୋଟଠାରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ବିରୋଧ କରାଯିବାର ଗୋଟିଏ ଘଟଣା ଏମିତି ମିଳୁଛି । କୁହାଯାଏ ଯେ ହଜରତ୍ ମସିହ୍ ମଉଦ୍ ଆ ସମସିହ୍ ମଉଦ୍ ଆ ସ ସିଆଲକୋଟ ଗଲେ । ସେଠାରେ ମୌଲବୀମାନେ ଫତଓ୍ୱା ଦେଲେ ଯେ ଯିଏ ଆଙ୍କ ଲେକଚର୍ ଶୁଣିବାକୁ ଯିବ ତାହାର ନିକାହ୍ ଭାଙ୍ଗି ଯିବ । କିନ୍ତୁ ଯେହେତୁ ମିର୍ଜା ସାହେବଙ୍କ ଆକର୍ଷଣ ଏମିତି ପ୍ରଭାବଶାଳୀ ଥିଲା ଯେ ଲୋକମାନେ ସେହି ଫତଓ୍ୱା ର କିଛି ପରୁଆ କଲେ ନାହିଁ । ତେଣୁ ମୌଲବୀମାନେ ରାସ୍ତାରେ ପହରା ଲଗାଇଦେଲେ । ଯଦ୍ୱାରା ଲୋକମାନଙ୍କୁ ଯିବାରୁ ରୋକିପାରିବେ ଓ ସଡକ ଉପରେ ପଥରମାନ ରଖିଦେଲେ ଯେ ଯିଏ ନରହିବ ତାକୁ ମାରିବେ । ପୁଣି ଜଲସାଗାଃରୁ ଲୋକମାନଙ୍କୁ ଧରିକି ନେଇଯାଉଥିଲେ ଯେ ସେମାନେ କିପରି ଲେକଚର୍ ଶୁଣିନପାରିବେ । ଜଣେ ବି ଟି ସାହେବ୍ ଥିଲେ । ଯିଏ ସେତେବେଳେ ସିଆଲକୋଟରେ ସିଟି ଇଂନିସ୍ପେକ୍ଟର ଥିଲେ , ପରେ ପୁଣି ସେ ସୁପରିଟେଣ୍ଡଂଟ୍ ଆଫ୍ ପୋଲିସ ବି ହୋଇଯାଇଥିଲେ । ଏବେ ଜଣାନାହିଁ ତାଙ୍କର ପଦବୀ କଣ ଅଛି । ଯେବେ ଇଏ ବର୍ଣ୍ଣନା କରୁଥିଲେ । ସେହି ବି ଟି ସାହେବଙ୍କର ବ୍ୟବସ୍ଥା ଥିଲା । ଯେବେ ଲୋକମାନେ ପାଟିତୁଣ୍ଡ କଲେ , କୋଳାହଳ ମଚାଇଲେ ଏବଂ (ଉପଦ୍ରବ ତଥା)ବିଭ୍ରାଟ ସୃଷ୍ଟି କରିବାପାଇଁ ଚାହିଁଲେ , ଯେହେତୁ ହଜରତ୍ ସାହେବ୍(ଅର୍ଥାତ୍ ହଜରତ୍ ମସିହ୍ ମଉଦ୍ ଆ ସ)ଙ୍କ ଲେକଚର୍ ସେ ଶୁଣିଥିଲେ ତେଣୁ ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଯେ ଏହି ଭାଷଣରେ ତ ଆର୍ଯ୍ୟା ଏବଂ ଇସାଇମାନଙ୍କ ଉପରେ ହମଲା କରାଯାଇଅଛି । ଯାହା କିଛି ମିର୍ଜା ସାହେବ କହିଛନ୍ତି ଯଦି ତାହା ମୌଲବୀମାନଙ୍କ ମନୋଭାବର ଖିଲାଫ୍ ବି ହୁଏ , ତାହେଲେ ବି ଏହାଦ୍ୱାରା ଇସଲାମ୍ ଉପରେ କୌଣସି ଆପତି ତଥା ଅଭିଯୋଗ ହେଉନାହିଁ । ଏଠାରେ ଇଏ ତ ଇସାଇମାନଙ୍କ ଖିଲାଫରେ କଥା ଚାଲିଛି । ଯଦି ଏହା ସତ୍ୟ ବି ହୋଇଥାଏ ଯାହା ମିର୍ଜା ସାହେବ୍ ବର୍ଣ୍ଣନା କରିଛନ୍ତି ତାହେଲେ ଏହାଦ୍ୱାରା ଇସଲାମ୍ ସତ୍ୟ ପ୍ରମାଣିତ ହେଉଅଛି । ଯଦି ଏହା ସତ୍ୟ ତାହେଲେଏହାଦ୍ୱାରା ଇସଲାମ୍ ସତ୍ୟ ପ୍ରମାଣିତ ହେଉଅଛି । ପୁଣି ମୁସଲମାନମାନେ ବିଭ୍ରାଟ ସୃଷ୍ଟି କାହିଁକି କରୁଛନ୍ତି ? ଯଦିଓ ସେ ସରକାରୀ ଅଫିସର୍ ଥିଲା , ସେ ଜଲସାରେ ଛିଡା ହୋଇଗଲା ଓ କହିବାକୁ ଲାଗିଲା ଯେ ଇଏ(ଅର୍ଥାତ ମିର୍ଜା ସାହେବ୍)ତ କହୁଛନ୍ତି ଯେ ଇସାଇମାନଙ୍କ ଖୁଦା ମରିଯାଇଛନ୍ତି । ଏଥିରେ ତୁମେମାନେ କାହିଁକି ରାଗୁଛ ? ଏହା ତ ତୁମାମାନଙ୍କପାଇଁ ଭଲ କଥା ।

ସୁତରାଂ ସେହି ଲୋକମାନଙ୍କର ବ୍ୟବହାର ଆମ ସହିତ ଏହିପରି ରହିଛି । ଅର୍ଥାତ ଯେଉଁମାନେ ମୁଖାଲିଫତ୍ କରୁଛନ୍ତ ଏବଂ ସାଧାରଣତଃ ଏହା ଦେଖାଯାଇଥାଏ ଯେ ମୁସଲମାନମାନଙ୍କ ମଧ୍ୟରୁ ଯଦି କିଏ ଆର୍ଯ୍ୟଧର୍ମ ଗ୍ରହଣ କରିନିଏ ତାହେଲେ ମୁସଲମାନମାନଙ୍କୁ କିଛି ଫରକ ପଡୁନାହିଁ । କିନ୍ତୁ ମୁର୍ଜା ସାହେବଙ୍କ କଥା କିଏ ବି ନଶୁଣନ୍ତୁ । ଆପଣ ର ଅ କୁହନ୍ତି ଅସଲ କଥା ହେଉଛି ଏହା କି ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସମ୍ୱନ୍ଧରେ ଏ ଭାବନା ଭୂଲ । ଯଦି ମୁସଲମାନମାନଙ୍କ ମଧ୍ୟରୁ କେହି ନିଜର ଧର୍ମ

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.7 Thursday 12-19 May 2022 Issue No. 19-20

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ପରିବର୍ତନ କରେ ତାହେଲେ ଆମକୁ ଫରକ ପଡିଥାଏ ।

ପୁଣି ଆପଣ ର ଅ କୁହନ୍ତି ଯେ ହଜରତ୍ ମସିହ୍ ମଉଦ୍ ଆ ସ ଏହା କହୁଥିଲେ ଯେ :-

***ଅଏ ଦିଲ୍ ତୁ ନିଜ୍ ଖାତିରେ ଈନାଁ ନିଗାହ୍ଦାର କାଖିର୍ କୁନନ୍ଦ ଦାୱାଏ ହୁବ୍ବେ ପୟମ୍ବରମ୍ (ଉଦ୍ଧୃତାଂଶ ତାରିଖେ ଶୁଦ୍ଧି ମଲକାନା , ଅନୱାରୁଲ୍ ଉଲୁମ୍ ଖ-୭ ପୃ-୧୯୨)***

ଅର୍ଥାତ ହେ ମନ ! ତୁ ଏହି ଲୋକମାନଙ୍କର ଲିହାଜ ରଖ କାରଣ ଶେଷରେ ଏମାନେ ମୋ ପୈଗମ୍ବରଙ୍କ ସହିତ ପ୍ରେମ କରୁଥିବାର (ଅର୍ଥାତ ପୈଗମ୍ବରଙ୍କୁ ଭଲପାଇବାର)ଦାବି କରୁଛନ୍ତି । ତେଣୁ ଆମକୁ ସେମାନଙ୍କର ଧର୍ମ ପରିବର୍ତନ କରିବା ଯୋଗୁଁ ବା ସେମାନଙ୍କ ଧର୍ମ ବିଗିଡି ଯିବାର ଦରଦ ତ ରହିବ ।

ଥରେ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ଜଣେ ଲୋକ କହିଲା ଯେ ମୁଁ ଆପଣଙ୍କର ବହୁତ ବଡ ପ୍ରଶଂସକ କିନ୍ତୁ ଆପଣ ଗୋଟିଏ ବଡ ଭୂଲ କରିବସିଛନ୍ତି । ଆପଣ ଜାଣିଛନ୍ତି ଓ୍ୱଲେମାମାନେ କାହା କଥା ମାନନ୍ତି ନାହିଁ (କି ଶୁଣନ୍ତି ନାହିଁ) କାରଣ ସେମାନେ ଜାଣଛନ୍ତି ଯେ ଯଦି ମାନିନେବେ ତାହେଲେ ଏହା ଆମ ବଦନାମୀର କାରଣ ହେବ । ଲୋକମାନେ କହିବେ ଏକଥା ଅମୁକ ଲୋକ ବୁଝିଗଲା , ସେମାନଙ୍କୁ ବୁଝାପଡିଲା ନାହିଁ । ତେଣୁ ତାଙ୍କୁ ମନାଇବା ନିମନ୍ତେ ଏହି ତରିକା ରହିଛି ଯେ ସେମାନଙ୍କ ମୁଁହରୁ କଥା ବାହର କରାଯାଉ । ଯେବେ ଆପଣ ଆ ସଙ୍କୁ ୱଫାତେ ମସିହ୍ର (ଅର୍ଥାତ ମସିହ୍ ନାସରୀଙ୍କ ଦେହାନ୍ତ) ବିଷୟରେ ଜଣାପଡିଥିଲା ସେତେବେଳେ ଆପଣଙ୍କୁ ଏହା କରିବାର ଥିଲା ଯେ ଅଳ୍ପ ଅଳ୍ପ ଓ୍ୱଲେମାମାନଙ୍କୁ ନିମନ୍ତ୍ରଣ କରିଥାନ୍ତେ ଓ ଗୋଟିଏ ମିଟିଂ କରି ଏକଥା ସେମାନଙ୍କ ସମ୍ମୁଖରେ ରଖିଥାନ୍ତେ ଯେ ଇସାଇମାନଙ୍କୁ ହୟାତେ ମସିହ୍ (ଅର୍ଥାତ ମସିହ୍ ନାସରୀଙ୍କ ଆକାଶରେ ସଶରିର ଜୀବିତ ରହିବା) ର ଆସ୍ଥା ଓ ବିଶ୍ୱାସ ଦ୍ୱାରା ବହୁତ ସାହାଯ୍ୟ ମିଳିଥାଏ । ତେଣୁ ସେମାନେ ଇସଲାମ ଉପରେ ଆପତି କରି ଇସଲାମକୁ କ୍ଷତି ପହଂଚାଉଛନ୍ତି । ସେମାନେ କହୁଛନ୍ତି ଯେ ତୁମମାନଙ୍କର ନବି ମରିଯାଇଛନ୍ତି ଯେବେକି ଆମ ଧର୍ମର ପ୍ରତିଷ୍ଠାତା ଆକାଶରେ ଜୀବିତ ଅଛନ୍ତି । ସେଥିଯୋଗୁ ସେ ହେଉଛନ୍ତି ଶ୍ରେଷ୍ଠ ବରଂ ସେ ହେଉଛନ୍ତି ଈଶ୍ୱର । ଏହାର ଉତର ଦିଆଯାଉ ? ଏହି ପ୍ରଶ୍ନ କରିଥାନ୍ତେ । ସେ ସମୟରେ ଯେଉଁ ଓ୍ୱଲେମାମାନଙ୍କୁ ଆପଣଙ୍କ ଦ୍ୱାରା ନିମନ୍ତ୍ରଣରେ ଡକାଯାଇଥିବା ଓ୍ୱଲେମାମାନେ ଏହା କହିଥାନ୍ତେ ଯେ ଆପଣ ହିଁ ଏହାର ସମାଧାନର ରାସ୍ତା ବାହାର କରନ୍ତୁ । ଏଥିରେ ହଜରତ୍ ମସିହ୍ ମଉଦ୍ ଆ ସ କହିଥାନ୍ତେ ଆପଣମାନେ କୁହନ୍ତୁ ଏହାର ଉତର କଣ ହେବ ? ଆପଣ କହିଥାନ୍ତେ ଯେ ବାସ୍ତବିକ ଆପଣମାନଙ୍କର ହିଁ ରାୟ ଠିକ ହୋଇପାରେ କିନ୍ତୁ ମୋ ମତରେ ଅମୁକ ଆୟତରୁ ହଜରତ୍ ମସିହ୍ ନାସିରୀଙ୍କ ଦେହାନ୍ତ ହୋଇଯିବା କଥା ପ୍ରମାଣିତ ହୋଇପାରିବ । ଏହା ଶୁଣି ଓ୍ୱଲେମାମାନେ ତତ୍କ୍ଷଣାତ୍ ଏହା କହିଦେଇଥାନ୍ତେ ଯେ ଏକଥା ତ ଠିକ୍ କଥା । ଆପଣ ବିସମିଲ୍ଲାଃ କହି ଏ ଘୋଷଣା କରିଦିଅନ୍ତୁ । ଆମେମାନେ ସମର୍ଥନ କରିବା ପାଇଁ ପ୍ରସ୍ତୁତ ଅଛୁ । ଏହି ତରିକା (ଉପାୟ)ଅବଲମ୍ବନ କରିବାକୁ ସେହି ଲୋକଜଣକ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ବତାଇଲା । ପୁଣି ସେ କହିଲା ଯେ ପୁଣି ଏହିପରି ଏ ବିଷୟକୁ ଉପସ୍ଥାପନ କରାଯାଇଥାନ୍ତା ଯେ ହଦିସରେ ମସିହ୍ ନାସିରୀଙ୍କ ପୁନଃ ଆଗମନ ବିଷୟରେ ଉଲ୍ଲେଖ ରହିଛି । କିନ୍ତୁ ଯେବେ ମସିହ୍ ଆ ସ ଙ୍କର ଦେହାନ୍ତ ହୋଇସାରିଛି ଏପରି ପରିପ୍ରେକ୍ଷିରେ ଏହାର ଅର୍ଥ କଣ ହେବ । ଏଥିରେ କେହିଜଣେ ଆଲିମ୍ ଆପଣଙ୍କ ସମ୍ବନ୍ଧରେ ଏହା କହିଦେଇଥାନ୍ତା ଯେ ଆପଣ ହିଁ ମସିହ୍ ଅଟନ୍ତି । ଏଥିରେ ସମସ୍ତ ଓ୍ୱଲେମାମାନେ ସମର୍ଥନର ମୋହର ଲଗାଇଦେଇଥାନ୍ତେ । ଏହି ପରାମର୍ଶକୁ ଶୁଣି ହଜରତ୍ ମସିହ୍ ଆ ସ କହିଲେ ଯେ

ଯଦି ମୋର ଦାବି ମଣିଷକୃତ ଗୋଟିଏ ଚାଲ ହୋଇଥାନ୍ତା ତାହେଲେ ମୁଁ ଅବଶ୍ୟ ଏପରି କରିଥାନ୍ତି । କିନ୍ତୁ ଏହା ଖୁଦାଙ୍କ ହୁକୁମ୍ (ଆଦେଶ)ଅନୁସାରେ ଥିଲା । ଖୁଦାତାଲା ଯେମିତି ବୁଝାଇଲେ ସେମିତି ମୁଁ କଲି ।

ଚାଲାକି ଓ ଧୋକା ମଣିଷର ଚାଲାଖି ମୁକାବିଲାରେ ହୋଇଥାଏ । ଖୁଦାତାଲାଙ୍କ ଜମାଅତ୍ ସେମାନଙ୍କୁ କଦାପି ଭୟକରନ୍ତି ନାହିଁ । ଏପରି କରିବା ଆମର କାମ ନୁହେଁ । ଏହା ସ୍ୱୟଂ ଖୁଦାତାଲାଙ୍କ କାମ । ସେ ହିଁ ଉକ୍ତ ବାର୍ତାକୁ ପହଂଚାଇବେ । (ଉଦ୍ଧୃତାଂଶ ଖୁତବାତେ ମେହମୁଦ୍ ଖ-୧୨ ପୃ-୧୯୬-୧୯୭)

ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ହେବା ଘଟଣା ଆମ ଜମାଅତର ପ୍ରଶିଦ୍ଧ ଘଟଣା । ଏ ପ୍ରସଙ୍ଗରେ ବି ଜଣେ ମୁଖାଲିଫ୍(ବିରୋଧି) ମୌଲବୀ ଯିଏ ବୋଧହୁଏ ଗୁଜରାତର ନିବାସୀ ଥିଲେ, ସେ ସବୁବେଳେ ଲୋକମାନଙ୍କୁ କହୁଥିଲେ ଯେ ମିର୍ଜା ସାହେବଙ୍କ ଦାବିରେ ବିଲକୁଲ୍ ଧୋକା ଖାଅନାହିଁ । ହଦିସରେ ସ୍ୱଷ୍ଟ ଭାବରେ ଏହା ଉଲ୍ଲେଖ ରହିଛି ଯେ ମେହେଦୀଙ୍କ ଲକ୍ଷଣ (ଆସିବାର ସଂକେତ) ହେଉଛି ଏହା କି ତାଙ୍କ ଯୁଗରେ ସୂର୍ଯ୍ୟ ତଥା ଚନ୍ଦ୍ରକୁ ରମଜାନ୍ ମାସରେ ଗ୍ରହଣ ଲାଗିବ । ତେଣୁ ଯେପର୍ଯ୍ୟନ୍ତ ଏହି ଭବିଷ୍ୟତବାଣୀ ପୂରଣ ନହୋଇଛି ସେପର୍ଯ୍ୟନ୍ତ ତାଙ୍କ(ଅର୍ଥାତ ମିର୍ଜା ସାହେବଙ୍କ) ଦାବିକୁ କଦାପି ସତ ମଣିବ ନାହିଁ । ସୌଭାଗ୍ୟବସତଃ ସେହି ଲୋକଜଣକ ଜୀବିତ ଥିଲେ ଯେ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣର ଭବିଷ୍ୟବାଣୀ ପୂରଣ ହୋଇଗଲା । ତାଙ୍କ ପଡୋଶୀ ଜଣେ ଅହେମଦୀ ଥିଲେ । ସେ ଶୁଣାଇଲେ ଯେ ଯେବେ ସୂର୍ଯ୍ୟପରାଗ ହେଲା , ସେହି ମୌଲବୀଜଣକ ବ୍ୟତିବ୍ୟସ୍ତ ହୋଇ ଘରର ଛାତ ଉପରେ ଚଢି ଟହଲିବାକୁ ଲାଗିଲା । ସେ ଟହଲୁଥିଲା ଓ କହିଚାଲୁଥିଲା ଯେ "ଆମେମାନେ ପଥଭ୍ରଷ୍ଟ ହୋଇଯିବୁ । ଆମେମାନେ ପଥଭ୍ରଷ୍ଟ ହୋଇଯିବୁ ।" ବାରମ୍ବାର ଏହି କଥା କହିଚାଲୁଥିଲା । ଅର୍ଥାତ ଏବେ ଲୋକମାନେ ପଥଭ୍ରଷ୍ଟ ହୋଇଯିବେ । ସେ ଏକଥା ବୁଝିଲା ନାହିଁ ଯେ ଯେବେ ପେଶଗୋଇ ପୂରଣ ହୋଇଗଲା , ତାହେଲେ ଲୋକମାନେ ମିର୍ଜା ସାହେବଙ୍କୁ ମାନି ହିଦାୟତ୍(ସତ୍ପଥ)ପାଇଯିବେ । ପଥଭ୍ରଷ୍ଟ ହେବେନାହିଁ । ଇସାଇମାନେ ବି ଏକ ପ୍ରକାରେ ଏହା ମାନୁଥିଲେ ଯେ ସେହି ସମସ୍ତ ଲକ୍ଷଣଗୁଡିକ ପୂରଣ ହୋଇଗଲାଣି, ଯାହାସବୁ ପୂର୍ବରୁ ଅବତୀର୍ଣ୍ଣ ହୋଇଥିବା ଐଶିପୁସ୍ତକଗୁଡିକରେ ବର୍ଣ୍ଣିତ ହୋଇଥିଲା । କିନ୍ତୁ ଅପରପକ୍ଷେ ରସୁଲେ କରିମ୍ ସ ଆ ସ ଙ୍କ ଦାବିକୁ ଶୁଣି ସେମାନେ ଏକଥା ବି କହୁଛନ୍ତି ଯେ ସେତେବେଳେ ସଂଯୋଗବସତଃ ଜଣେ ମିଥ୍ୟାଚାରୀ ମିଥ୍ୟାଦାବି କରିଦେଇଥିଲା । ଏବେ ମୁସଲମାନଙ୍କର ଅବସ୍ଥାକୁ ଦେଖନ୍ତୁ । କିନ୍ତୁ ବଡ ଅଜବ କଥା ଯେ ଏମିତି ସଂଯୋଗ କଣ ଜଣେ ମିଥ୍ୟାବାଦୀର ଭାଗ୍ୟରେ ଥିଲା ? ସତ୍ୟବାଦୀର ଭାଗ୍ୟରେ ନୁହେଁ ? ***(ଉଦ୍ଧୃତାଂଶ ତଫସୀର୍ କବୀର୍ ଖ-୧୦ ପୃ-୫୬)***

ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଭୁତକାଳ ସମ୍ବନ୍ଧରେ ଆପଣ ର ଅ କୁହନ୍ତି ଯେ "ପ୍ରତ୍ୟେକ ପ୍ରକାରର କୁକର୍ମ ଧିରେ ଧିରେ କ୍ରମେ କ୍ରମେ ସୃଷ୍ଟି ହୋଇଥାଏ । ଏପରି କେବେ ହୁଏନାହିଁ ଯେ ଜଣେ ଲୋକ ରାତିବେଳା ତ ସତୁଆ ଅବସ୍ଥାରେ ଶୋଇଥିବ ଓ ସକାଳେ ମିଛୁଆ ହୋଇଯିବ । ପ୍ରଥମେ ତ ସେ ମଣିଷମାନଙ୍କ ପାଇଁ ମିଛ କହୁନଥିଲା କିନ୍ତୁ ଏବେ ଖୁଦାତାଲାଙ୍କ ନିମନ୍ତେ ମିଛ କହିବାକୁ ଲାଗିଗଲା ?" ସକାଳୁ ସକାଳୁ ଉଠି । "ସେଇଥିପାଇଁ ଆମେ ଏଠାରେ ମିର୍ଜା ସାହେବଙ୍କ ପ୍ରଥମ ଜୀବନକୁ ଦେଖିଥାଉଁ । ଆପଣ ଆ ସ ଏଠିକାର ହିନ୍ଦୁମାନଙ୍କୁ , ସିଖ୍ମାନଙ୍କୁ ଓ ମୁସଲମାନମାନଙ୍କୁ ବାରମ୍ବାର ଏ ଘୋଷଣା କରି କହିଥିଲେ ଯେ କଣ ତୁମେମାନେ ମୋ ପ୍ରଥମ (ଅର୍ଥାତ ଦାବି କରିବାର ପୂର୍ବବର୍ତୀ) ଜୀବନ ଉପରେ କୌଣସି ପ୍ରକାରେ ଆପତି ଅଭିଯୋଗ କରିପାରିବ କି ? କିନ୍ତୁ କାହାକୁ ବି ଏହାର ସାହସ ହେଲାନାହିଁ । ବରଂ ଆପଣଙ୍କ ପବିତ୍ର ଜୀବନୀ ସପକ୍ଷରେ ସେମାନଙ୍କୁ ସାକ୍ଷ୍ୟଦେବାକୁ ପଡିଲା । ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁୱି, ଯିଏ ପରେ ଜଣେ ଭିଷଣ ବିରୋଧି ଭାବରେ ଉଭା ହୋଇଥିଲା , ସେ ତା ନିଜ ପତ୍ରିକାରେ ଆପଣ ଆ ସ ଙ୍କ ପବିତ୍ର ଜୀବନୀ ଓ ବେଦାଗ ଜୀବନୀର ସାକ୍ଷ୍ୟ ଦେଇଛନ୍ତି ଏବଂ ମିଷ୍ଟର୍ ଜଫର୍ ଅଲୀ ଖାନ୍ ସାହେବଙ୍କ ବାପା ନିଜ ଖବରକାଗଜରେ ଆପଣ ଆ ସ ଙ୍କ ପୂର୍ବବର୍ତୀ ପବିତ୍ର ଜୀବନୀ ବିଷୟରେ ସାକ୍ଷୀ ଦେଇଛନ୍ତି ଯେ ସେ (ଅର୍ଥାତ ମିର୍ଜା ସାହେବ୍) ବହୁତ ପବିତ୍ର ଓ ଶୁଦ୍ଧ ଲୋକ ଥିଲେ । ଅତେବ ଯେଉଁ ବ୍ୟକ୍ତି ଚାଳିଶି ବର୍ଷ ପର୍ଯ୍ୟନ୍ତ ବେଦାଗ ଓ ନିଷ୍ପାପ ରହିଲେ ଓ ତାଙ୍କ ଜୀବନ ପବିତ୍ର ରହିଥିଲା , ସେ କିପରି ରାତାରାତି ବଦଳିଗଲା ଓ ବିଗିଡିଗଲା ? ସାଇକାଷ୍ଟ୍ରିଟ୍ ଏବଂ ସାଇକୋଲୋଜିଷ୍ଟମାନେ ବି କହିଥାନ୍ତି ଯେ "ପ୍ରତ୍ୟେକ ପ୍ରକାରର ଦୋଷ ଓ ଚାରିତ୍ରିକ ତ୍ରୁଟି ଧିରେ ଧିରେ ସୃଷ୍ଟି ହୋଇଥାଏ । ଏକଦମ୍ କୌଣସି ପ୍ରକାରରେ ଚରିତ୍ରରେ ପରିବର୍ତନ ଦେଖାଦିଏ ନାହିଁ । ସୁତରାଂ ଦେଖନ୍ତୁ ଯେ ଆପଣ ଆ ସ ଙ୍କ ବିଗତ ଜୀବନ କିପରି ବେଦାଗ ଏବଂ ନିଖୁଣ ଥିଲା । ଏହା ଅଲୋକପରି ସ୍ୱଷ୍ଟ ।" (ମିଆରେ ସଦାକତ୍ ଅନୱାରୁଲ୍ ଉଲିମ୍ ଖ-୬ ପୃ-୬୦-୬୧)

ପୁଣି ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କର କିପରି ସାହାଯ୍ୟ ସହଯୋଗ କରିଚାଲିଥିଲେ,ସେ ବାବତରେ ଆମେ ଦେଖିଥାଉଁ ଯେ ଯିଏ ଖୁଦାଙ୍କ ରସୁଲ୍ ଅଟନ୍ତି ତାହାଙ୍କ ସହିତ ଖୁଦାଙ୍କର କିପରି ସମର୍ଥନ ରହିଥାଏ । ଯଦି ସାହାଯ୍ୟ ସହଯୋଗ ନାହିଁ ତାହେଲେ ସେ ଖୁଦାତାଲାଙ୍କ ତରଫରୁ ପ୍ରେରିତ ରସୁଲ ନୁହଁନ୍ତି ।

ଲୋକମାନେ ତଙ୍କୁ ଶେଷକରିଦେବାକୁ ଚାହିଁଥାନ୍ତି କିନ୍ତୁ ଖୁଦାତାଲାଙ୍କ ସାହାଯ୍ୟ ଓ ସମର୍ଥନ ତାଙ୍କୁ ସଫଳ କରାଇଥାଏ ତା ଶତ୍ରୁମାନଙ୍କର ଯୋଜନାକୁ ମାଟିରେ ମିଶାଇଦେଇଥାଏ । ଏହି ମାମଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ବିରୋଧିମାନଙ୍କ ସହିତ ହେଲା । ଆପଣ ଆ ସ ଙ୍କୁ ମାରିବାପାଇଁ କେଉଁଭଳି ଚେଷ୍ଟା କରାଯାଇଥିଲା , ଲୋକମାନଙ୍କୁ ଏହି କାମ ପାଇଁ ନିଯୋଜିତ କରାଯାଇଥିଲା । ସେ ବିଷୟରେ ଆପଣ ଆ ସ ଙ୍କୁ ସୂଚନା ମିଳିଗଲା ଫଳତଃ ସେମାନେ ନିଜ ଇରାଦାରେ(ଅର୍ଥାତ ନିଜର ଏପରି କୁଉଦ୍ଦେଶ୍ୟରେ)ଅସଫଳ ହେଲେ । ଆପଣ ଆ ସ ଙ୍କ ଉପରେ ହତ୍ୟା ଉଦ୍ୟମ କରିଥିବାର ମିଥ୍ୟାରୋପ କରାଯାଇ ଆପଣ ଆ ସ ଙ୍କ ଖିଲାଫରେ ମିଥ୍ୟା ମୋକଦ୍ଦମା କରାଗଲା । ଏହିପରି ମିଥ୍ୟା ମୋକଦ୍ଦମା ଆପଣ ଆ ସ ଙ୍କ ବିରୋଧରେ ମାର୍ଟିନ୍ କ୍ଲାର୍କ ଲାଗାଇଥିଲା ଓ ଜଣେ ଲୋକ ଏହା ବି କହିଦେଇଥିଲା ଯେ ମତେ ହଜରତ୍ ମିର୍ଜା ସାହେବ୍ ଏହି ହତ୍ୟା କରିବାପାଇଁ

*ଅବଶିଷ୍ଟାଂଶ ପୃଷ୍ଠା- ୬ ରେ ଦେଖନ୍ତୁ.....*

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan